RNI No.ODIODI/2010/33031
୧୬ ବର୍ଷ Volume-16
ISSUE -271 ସଂଖ୍ୟା-୨୭୧
ଭୁବନେଶ୍ୱର, ସୋମବାର ୧୨ ଜାନୁଆରୀ ୨୦୨୬
Bhubaneswar, Monday 12 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ପରଲୋକରେ ଇଣ୍ଡିଆନ୍ ଆଇଡଲ୍ ସିଜିନ୍-୩ ବିଜେତା

ନୂଆଦିଲ୍ଲୀ, ୧ ୧।୧ (ନି.ପ୍ର.): ଗାୟକ ଏବଂ ଅଭିନେତା ପ୍ରଶାନ୍ତ ତମାଙ୍ଗଙ୍କର ୪୩ ବର୍ଷ ବୟସରେ ଦେହାନ୍ତ ହୋଇଛି । ଚଳଚ୍ଚିତ୍ର ନିର୍ମାତା ରାଜେଶ ଘଟାନି ତମାଙ୍ଗଙ୍କ ମୃତ୍ୟୁକୁ ନିଶ୍ଚିତ କରିଛନ୍ତି । ଦାର୍ଜିଲିଂର ଗାୟକ ମହେଶ ସେଓ୍ୱ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଗାୟକ ମହେଶ ସେଓ୍ୱା କହିଛନ୍ତି, ଦିଲ୍ଲୀ ସ୍ଥିତି ବାସଭବନରେ ପ୍ରଶାନ୍ତ ତମାଙ୍ଗଙ୍କ ହୃଦଘାତରେ ପରଲୋକ ଘଟିଛି । ମହେଶ ରବିବାର ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ପ୍ରଶାନ୍ତ ତମାଙ୍ଗଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ମୋର ପ୍ରିୟ ଭାଇ ପ୍ରଶାନ୍ତଙ୍କ ଦେହାନ୍ତରେ ମୁଁ ମୋର ଶୋକ ପ୍ରକାଶ କରୁଛି ।

ଇଣ୍ଡିଆନ୍ ଆଇଡଲ୍ ୩ର ବିଜେତା ପ୍ରଶାନ୍ତ ତମାଙ୍ଗ ଜଣେ ପୁଲିସ ଅଧିକାରୀରୁ ଗାୟକ ହେବା ଯାତ୍ରା ଆରମ୍ଭ କରିଥିଲେ । ଏହି ରିଆଲିଟି ଶୋ’’ରେ ଦେଖାଯିବା ପୂର୍ବରୁ ସେ କୋଲକାତା ପୁଲିସରେ କାର୍ଯ୍ୟ କରିଥିଲେ । ସେ ପୁଲିସ ଅର୍କେଷ୍ଟ୍ରାର ସଦସ୍ୟ ଥିଲେ ଏବଂ ବେଳେବେଳେ ପୁଲିସ ବିଭାଗ କାର୍ଯ୍ୟକ୍ରମରେ ଗୀତ ମଧ୍ୟ ଗାଇଥିଲେ । ତାଙ୍କର ବରିଷ୍ଠ ଅଧିକାରୀ ତାଙ୍କୁ ଇଣ୍ଡିଆନ୍ ଆଇଡଲ୍ ?ରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ ।

## ପଟ୍ଟା ପ୍ରଦାନରେ ଟାଳଟୁଳ ନୀତିକୁ ସମାଲୋଚନା

ବଲାଙ୍ଗୀର, ୧ ୧।୧ (ନି.ପ୍ର.): ଲୋଇସିଂହା ବ୍ଲକ ବାନିପାଲି ଠାରେ ବ୍ଲକସ୍ତରୀୟ ଜଙ୍ଗଲ ଅଧିକାର କମିଟି ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମର ଆବାହକ କୁଳମଣି ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ରତାଖଣ୍ଡି, ତାଲଜୁରି, ବାନିପାଲି, ଫଲସାମାଲ, ସାନଝାଙ୍କରପାଲି, ଠାକୁରପାଲି, ସିଂହାଣୀମୁଣ୍ଡା, ତବଲବାଞ୍ଜି, ବିଅରପାଲି, ବାଦିପାଲି, ଦାଣ୍ଡପାଣି ପ୍ରଭୃତି ଗ୍ରାମର ଜଙ୍ଗଲ ଅଧିକାର କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀଙ୍କୁ ସେମାନଙ୍କ ବ୍ୟକ୍ତିଗତ, ଗୋଷ୍ଠିଗତ ତଥା ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ ଦିଗରେ ସରକାରୀ ସ୍ତରରେ ଅହେତୁକ ବିଳମ୍ବ ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ବ୍ୟକ୍ତିଗତ ତଥା ଗୋଷ୍ଠିଗତ ପଟ୍ଟା ପ୍ରଦାନ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଯୋଗୁଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇ ଥିଲା । ଏଥିସହିତ ବ୍ୟକ୍ତିଗତ ତଥା ଗୋଷ୍ଠିଗତ ପଟ୍ଟା ପ୍ରଦାନ ତଥା ‘ମୋ ଜଙ୍ଗଲ ଜମି ଯୋଜନା’ ଆଇନକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ବଲାଙ୍ଗୀର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସକାଶେ ବୈଠକରେ ସହମତି ପ୍ରକାଶ ପାଇଥିଲା । ପ୍ରାରମ୍ଭରେ ବ୍ଲକସ୍ତରୀୟ ଜଙ୍ଗଲ ଅଧିକାର କମିଟିର ସମ୍ପାଦକ ଚୈତନ୍ୟ ବାଗ ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପରିଶେଷରେ ସଭାପତି ରାଧାକାନ୍ତ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସୋମନାଥ ମନ୍ଦିରର ସ୍ୱାଭିମାନ ପର୍ବ

ପାରାଦୀପ, ୧ ୧।୧ (ନି.ପ୍ର.): ସୋମନାଥ ମନ୍ଦିର ର ସ୍ୱଭିମାନ ପର୍ବ – ୨୦୨୬ ପାରାଦୀପ ରେ ପାଳିତ ହୋଇ ଯାଇଛି । ଏହି ସ୍ୱଭିମାନ ପର୍ବ ପାଳନ ଅବସରରେ ପାରାଦୀପ ରେ ଥିବା ଶିବମନ୍ଦିର ରେ ପୂଜାର୍ଚ୍ଚନା କରାଯିବାସହ ଦ୍ୱୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାନୁଆରୀ ୧୦୨୬ ମସିହାରେ ମହମ୍ମଦ ଗଜନୀ ସୋମନାଥ ମନ୍ଦିର ଉପରେ ଅତର୍କିତ ଆକ୍ରମଣ କରି ମନ୍ଦିରକୁ ଧ୍ୱଂସ କରିଦେଇଥିଲେ । ବର୍ଷ ୨୦୨୬ ହେଉଛି ଆସ୍ଥା ଏବଂ ସଭ୍ୟତାର ମହାନ ପ୍ରତୀକ ଉପରେ ବର୍ବରତା ସହିତ ଆକ୍ରମଣ କରିଥିବାର ୧୦୦୦ ବର୍ଷ ପୂର୍ତ୍ତି ହେଉଅଛି । ସୋମନାଥ ମନ୍ଦିର ଏହି ୧୦୦୦ ବର୍ଷର ସହନଶୀଳତା, ପୁନରୁଦ୍ଧାର ଏବଂ ନିରନ୍ତରତାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ବର୍ଷକୁ ସୋମନାଥ ସ୍ୱାଭିମାନ ପର୍ବ ରୂପେ ଭାରତବର୍ଷର କୋଣ ଅନୁକୋଣରେ ପାଳନ କରାଯାଉଛି । ଏହି ୧୦୦୦ ବର୍ଷରେ ଅନେକ ଉତଥାନ – ପତନ ସତ୍ତ୍ୱେ ମଧ୍ୟ ଆଜି ଏହି ମନ୍ଦିର ନିଜର ଗାରିମା ବଜାଇ ରଖିଛି । ୨୦୨୬ ବର୍ଷ ହେଉଛି ମନ୍ଦିର ନିର୍ମାଣର ୭୫ ବର୍ଷ । ୧୧ ମଇ ୧୯୫୧ କୁ ତତକାଳୀନ ରାଷ୍ଟ୍ରପତି ଡ଼. ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ ପୁର୍ନନିର୍ମିତ ସୋମନାଥ ମନ୍ଦିର ଶ୍ରଦ୍ଧାଳୁମାନଙ୍କ ପାଇଁ ଖୋଲା ଯାଇଥିଲା । ଏ ନେଇ ଆଜି ପାରାଦୀପ ବୃନ୍ଦାବନ କଲୋନୀ ଠାରେ ଥିବା ଶିବମନ୍ଦିର ରେ ବିଜେପି ଯୁବମୋର୍ଚ୍ଚାର ସଦସ୍ୟ ମାନଙ୍କ ସହିତ ବଜରଙ୍ଗ ଦଳ ଓ ହିନ୍ଦୁସେନାର କାର୍ଯ୍ୟକର୍ତା ମାନେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ଦ୍ୱୀପଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ସାରଦା ପ୍ରସନ୍ନ ବେହେରା, ବିଧାନ ଚନ୍ଦ୍ର ପରିଡା ଙ୍କ ସମେତ ୧୨ ନମ୍ବର ୱାର୍ଡ ର କାଉନସିଲର ସଫଳତାର ସହ ସହଯୋଗ କରିଥିଲେ ।



## ନିଖିଳ ଭାରତ ସେବା ସଂଘର ବାର୍ଷିକ ଅଧିବେଶନ

କଟକ, ୧ ୧।୧ (ନି.ପ୍ର.): : ଦରିଦ୍ର, ଅବହେଳିତ ଓ ଭୂମିହିନ ଲୋକଙ୍କ ପାଇଁ ସର୍ବଦା ଲଢ଼େଇ ଜାରି ରଖିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଖିଳ ଭାରତ ସେବା ସଂଘର ୪୦ତମ ବାର୍ଷିକ ସାଧାରଣ ଅଧିବେଶନ ସଂଘର ସଭାପତି ଭାସ୍କର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆଜି (ରବିବାର) ବାଖରାବାଦସ୍ଥିତ ଗାନ୍ଧୀ ଭବନ ପରିସରରେ



ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଅଧିବେଶନରେ ଅବସରପ୍ରାପ୍ତ ବିଚାରପତି ରତିକାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ବିଜୟ କୁମାର ରାଉତରାୟ, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ପଣ୍ଡା ଓ ଅମିତ ପ୍ରସାଦ ବୋଷ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦଘାଟନ କରିଥିଲେ । ଗରିବ, ଅସହାୟ ଓ ଭୂମିହିନଙ୍କ ପାଇଁ ନିଖିଳ ଭାରତ ସେବା ସଂଘ ପକ୍ଷରୁ ଚାଲିଥିବା ଲଢ଼େଇ ବାସ୍ତବିକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିବା ସହ ଭୂୟସୀ ପ୍ରଶଂସା କରିଥିଲେ । ସଂଘର ସାଧାରଣ ସମ୍ପାଦକ ଦେବଦତ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପସଭାପତି ଧରଣୀଧର ଦାସ ସଂଘର ୨୦୨୪-୨୫ବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ଶ୍ରୀଧର ଦାସ ମକଦମା ଓ ବିଦ୍ୟାଧରପୁର ଅଂଚଳରେ ଚାଲିଥିବା ଜମି ଆବଣ୍ଟନ ମାମଲାର ଅଗ୍ରଗତି ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ।

## ଦେଓଗାଁରେ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ



### ବ୍ଲକ ଦୁର୍ନୀତିକୁ ନେଇ ଲୋକେ କଲେ ଅଭିଯୋଗ

ବଲାଙ୍ଗିର, ୧ ୧।୧ (ନି.ପ୍ର.): ଆଜି ଦେଓଗାଁ ବ୍ଲକର ଦେଓଗାଁ କୁ ଯାଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ଠାରୁ ସେମାନଙ୍କ ଅଭାବ ଅସୁବିଧା ତଥା ସ୍ଥାନୀୟ ସମସ୍ୟା ଉପରେ ଅଭିଯୋଗ ଶୁଣିଥିଲେ । ବିଶେଷ କରି ଗତ ଦୁଇ ବର୍ଷ ହେଲା ବ୍ଲକ ପରିଚାଳନାରେ ସମସ୍ୟା ଯୋଗୁଁ ଦେଓଗାଁ ଲୋକେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । ଲୋକେ ଅଭିଯୋଗ କରିଥିଲେ ଯେ ବ୍ଲକ କର୍ତ୍ତୃପକ୍ଷ ତଥା କର୍ମଚାରୀ ପ୍ରତ୍ୟେକ କାମ ପାଇଁ ଲୋକଙ୍କୁ ବାରମ୍ବାର ଆସିବା ପାଇଁ କହୁଛନ୍ତି । କୌଣସି ସରକାରୀ ଯୋଜନାରେ ହିତାଧିକାରୀ ହୁଅନ୍ତୁ କି କୌଣସି ଉନ୍ନୟନମୂଳକ ପ୍ରକଳ୍ପ ହେଉ ସବୁଥିରେ ଦୁର୍ନିତିର ଛାପ ପଡୁଛି । ବିନା ଦୁର୍ନିତିରେ କୌଣସି ଫାଇଲ ଆଗକୁ ବଢୁନାହିଁ ବୋଲି ଅନେକ ଲୋକ ଅଭିଯୋଗ କରିଥିଲେ । ଏ ସବୁଥିରେ ନିର୍ବାଚିତ ପ୍ରତିନିଧିଙ୍କ ସହ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ ଥିବାର ଅଭିଯୋଗ କରିଥିଲେ । ଦେଓଗାଁ ଅଂଚଳରେ ଧାନ କିଣା ଅଚଳାବସ୍ଥା ଆଜି ପର୍ଯ୍ୟନ୍ତ ଜାରି ରହିଛି । ମଣ୍ଡି ଗୁଡିକରେ ଧାନ ପଡି ରହୁଥିବାର ଚାଷୀମାନେ ଅଭିଯୋଗ କରିଥିଲେ । ରାସ୍ତାଘାଟ ମରାମତି ଠିକ୍ ସମୟରେ ହୋଇ ପାରୁନାହିଁ । ବିଜୁଳି ସମସ୍ୟା ଦେଖାଦେଉଛି । ପିଇବା ପାଣି ପାଇଁ ଲୋକେ ଏବେ ଠୁ ଅସୁବିଧା ସମ୍ମୁଖିନ ହେଉଛନ୍ତି । ଏ ସବୁ ଶୁଣିଲା ପରେ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ର ଉଚ୍ଚ଼ ପଦସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚ଼ନା କରି ଦୁର୍ନିତିଖୋର ଅଧିକାରୀ ଲୋକ ପ୍ରତିନିଧି ଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ କହିବା ସହ ଯାହା କିଛି ବୋଲି ଲୋକେ ସମସ୍ୟା ସମ୍ମୁଖିନ ହେଉଛନ୍ତି ସେ ସବୁର ସମାଧାନ ଦିଗରେ ମଧ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚ଼ନା କରି ତାହାର ବାଟ ବାହାର କରିବେ ବୋଲି କହିଥିଲେ । ଆଜିର ଏହି ଆଲୋଚ଼ନା ସମୟରେ ମଦନ ସାହୁ, ଆର୍ତ୍ତ ଘିବେଲା, ହୃଦାନନ୍ଦ ଗଡତ୍ୟା, ମାର୍କଣ୍ଡ ମେହେର, କାନ୍ତେଶ୍ୱର ପ୍ରଧାନ, ରାମଜି ପାଣ୍ଡେ, ପପୁ ପାତ୍ର, ଚାଷିନେତା କୁନା ସାହୁ, ଆଲ୍ଲାଦ ମେଲ୍ଲି, କୈଳାସ ବେହେରା, ଆଶିଷ ବାରିକ, ପିଣ୍ଟୁ ପୋଡ ପ୍ରମୁଖ ଉପସ୍ଥିତ ଥିଲେ ।

## ପିପିଲିରେ ଗାଡ଼ି ଯାଞ୍ଚ, କଟିଲା ୭୧ ହଜାର ଚ଼ାଲାଣ

ପିପିଲି ୧ ୧।୧ (ନି.ପ୍ର.): ସଡକ ସୁରକ୍ଷା ସପ୍ତାହ ଅବସରରେ ଆଜି ଅପରାହ୍ନ ରେ ଦୁର୍ଘଟଣା ରୋକିବାକୁପିପିଲି ନିକଟସ୍ଥ ଭୋଗୁଆ ବାଙ୍କ ବାଇପାଶ ଠାରେ ପୁରୀଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଏବଂ ପିପିଲି ପୋଲିସ ର ମିଳିତ ଉଦ୍ୟମରେ ଶୂନ୍ୟ ଦୁର୍ଘଟଣା ଉଦେଶ୍ୟରେ କଡାକଡି ଯାଞ୍ଚ କରାଯାଇଥିଲା । ଏଥିରେ ସାତଗୋଟି ଘରୋଇ ଗାଡିରୁ ପଞ୍ଚସ୍ତରୀ ହଜାର ଟଙ୍କା ଚ଼ାଲାଣ କଟାଯାଇଥିଲାବେଳେ ଦୁଇଟି ଗାଡି ଜବତ କରିଛନ୍ତି ।ଯାଞ୍ଚ ସମୟରେ ମଦ ପିଇ ଗାଡି ଚ଼ଲାଉଥିବା ଡ୍ରାଇଭର ମାନଙ୍କୁ ଚ଼ିହ୍ନଟ କରାଯାଇଥିଲା । ଘରୋଇ ବସ ସହିତ ମୋ ବସ୍, ସରକାରୀ ବସ, କୁ ମଧ ଯାଞ୍ଚରେ ସାମିଲ କରାଯାଇଥିଲା । ପୁରୀ ଆଞ୍ଚଳିକ ପରିବହନ ବିଭାଗର ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର, ସହକାରୀ ନିରୀକ୍ଷକ ସନ୍ତୋଷ କୁମାର ସେଠୀ, ପିପିଲି ପୋଲିସ ଏସ ଆଇ ନାରାୟଣ ବେହେରା, ହାଇୱେ ପେଟ୍ରୋଲିଙ୍ଗ ଅଧିକାରୀ ରାମକୃଷ୍ଣ କର ପ୍ରମୁଖ ସାମିଲ୍ ଥିଲେ ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ଉପବାସ ଓ ସାଙ୍କେତିକ ପ୍ରତିବାଦ

ଭୁବନେଶ୍ୱର ୧ ୧।୧ (ନି.ପ୍ର.): ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ନରେଗା ଯୋଜନା ନାମ ଓ ନୀୟମ ପରିବର୍ତ୍ତନ ବିରୋଧରେ ଏକ୍ସଆଇଏମବି ନିକଟସ୍ଥ ମହାତ୍ମା ଗାନ୍ଧୀ ପାର୍କର ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଉପବାସ ଓ ସାଙ୍କେତିକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମକୁ ପରିବର୍ତ୍ତନ କରି ଜିରାମଜି ନାମକରଣ କରିବା ପ୍ରତ୍ୟେକ ଦେଶବାସୀଙ୍କ ମହାତ୍ମା ଗାନ୍ଧୀଙ୍କ ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧା ପ୍ରତି କୁଠାରଘାତ । ମନରେଗା ଯୋଜନା କେବଳ ଏକ ଯୋଜନା ନୁହେଁ ଏହା ନିଶ୍ଚିତ ଶ୍ରମ ଅଧିକାରର ଏକ ବିଚାର । ନୂତନ ଯୋଜନାରେ ଶ୍ରମିକଙ୍କ ଅଧିକାରକୁ ହନନ କରିବା ସହ ଅନୁଦାନ ରାଶି ରାଜ୍ୟ ଉପରେ କେନ୍ଦ୍ର ସରକାର ଲଦି ଦେଇଛନ୍ତି । ମନରେଗା କୋଟି କୋଟି ଗରିବ, ଅସହାୟ ଓ ଶ୍ରମିକଙ୍କ ପାଇଁ ବରଦାନ ଥିଲା । ନିଶ୍ଚିତ ଶ୍ରମ ଅଧିକାର ଆଇନର ସୁରକ୍ଷା ପାଇଁ କଂଗ୍ରେସ ଦଳ ଦେଶବ୍ୟାପି ଅହିଂସା ଉପାୟରେ ଅଭିଯାନ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ସୁନିତା ବିଶ୍ୱାଳ, ପ୍ରଶାନ୍ତ ଚମ୍ପତି, ଆଲୋକ ମହାନ୍ତି, ତରୁଣ ମିଶ୍ର, ପ୍ରଶାନ୍ତ ଶତପଥି, ମନୋରଞ୍ଜନ ରାଉତରାୟ, ଦେବାଶିଷ ମିଶ୍ର, ଖଗେଶ୍ୱର ମଲ୍ଲିକ, ମଂଟୁ ମଲ୍ଲିକ, ଆତ୍ମାରାମ ପତି, ତକ୍ସିନ ଅହମଦ, ଗୋପାଳ ଖଣ୍ଡେଲୱାଲ ପ୍ରମୁଖ ଶତାଧିକ କଂଗ୍ରେସ କର୍ମକର୍ତ୍ତା ସାମିଲଥିଲେ ।



## ୪ ହାଇୱା ଅଟକ, ୧.୬୦ ଲକ୍ଷ ଫାଇନ

ରାଜଗାଙ୍ଗପୁର, ୧ ୧।୧ (ନି.ପ୍ର.): କାରଖାନାର ବର୍ଜ୍ୟ ପାଉଁଶ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ବେଆଇନ ଭାବେ ପକାଯାଉଥିଲା । ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେଣ୍ଡା ଠାରେ ପୁଲିସ୍ ୪ଟି ହାଇୱା ପାଉଁଶ ବୋଝେଇ ଗାଡ଼ିକୁ ଅଟକ ରଖିବା ସହ ୧ ଲକ୍ଷ ୬୦ ହଜାର ଜରିମାନା କରାଯାଇଥିବା ସୂଚ଼ନା ମିଳିଛି ।

ସୂଚ଼ନା ମୁତାବକ, ରାଜଗାଙ୍ଗପୁର ଓ କୁତ୍ରାର ବିଭିନ୍ନ ସ୍ଥାନରେ କାରଖାନାର ବର୍ଜ୍ୟ ପାଉଁଶକୁ ଗାଡ଼ିରେ ଅଣାଯାଇ ରାସ୍ତାକଡ଼, ଚ଼ାଷ ଜମି, ନଦୀକୂଳରେ ବେଆଇନ ଭାବେ ପକାଯାଉଛି । ଏ ନେଇ ଲୋକେ ବାରମ୍ବାର ଅଭିଯୋଗ କରି ଆସୁ ଛନ୍ତି । ଯାହାକୁ ନେଇ ପୂର୍ବରୁ କୁତ୍ରାରେ ଅନେକ ପାଉଁଶ ଗାଡ଼ିକୁ ପୁଲିସ ଜବତ କରିଥିବା ବେଳେ ଆଜି ଲାଞ୍ଜିବେଣ୍ଡା ଫାଣ୍ଡି ଅଧିକାରୀ ପ୍ରୀତି ରଞ୍ଜନ ପରିଡ଼ା ପାଟ୍ରୋଲିଂ କରିବା ସମୟରେ ୪ଟି ପାଉଁଶ ବୋଝେଇ ଗାଡ଼ିକୁ ଧରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୧ ଲକ୍ଷ ୬୦ ହଜାର ଜରିମାନା ଆଦାୟ କରାଯାଇଛି ।

## ଅନୁଗୋଳ ଜିଲ୍ଲା କଂଗ୍ରେସର ସଂଗୀନ ଅଭିଯୋଗ

ଅନୁଗୋଳ, ୧ ୧।୧ (ନି.ପ୍ର.): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଉଚ୍ଛେଦ, ଟାଟା ପାୱାରର ମନମାନି ଓ ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିୟୋଜିତ ପ୍ରଭାରୀ ଭାବେ ଓଡିଶା ବିଧାନସଭାର କଂଗ୍ରେସ ବିଧାୟକ ଦଳର ଉପନେତା ତଥା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ଯେଉଁ ଭଳି ଭାବରେ କେନ୍ଦ୍ରର ବିଜେପି ସରକାର ଉଚ୍ଛେଦ କଲେ, ତାହା କଦାପି ଭାରତବର୍ଷ ବରଦାସ୍ତ କରିବ ନାହିଁ । ଭାରତର ବହୁ ଲୋକ କର୍ମ ସଂସ୍ଥାନ ନ ପାଇ ଅନାହାରରେ ମୃତ୍ୟୁବରଣ କରୁଥିବା ଜାଣି ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହ ନିଶ୍ଚିତ କର୍ମନିଯୁକ୍ତି ଦେବା ପାଇଁ ଏକ ସର୍ବଗ୍ରହଣିୟ ଜନ ହିତକର ଯୋଜନା ଲାଗୁ କରିଥିଲେ । ଏହା ଦ୍ୱାରା ଭାରତବର୍ଷର ବହୁ ଶ୍ରମିକ ଉପକୃତ ହେଉଥିଲେ । କିନ୍ତୁ ବିଜେପି ସରକାରଙ୍କୁ ମହାତ୍ମାଗାନ୍ଧୀଙ୍କ ନାମକୁ ହଜମ ହେଲା ନାହିଁ ଫଳରେ ଏଭଳି ଜନହିତକର ଯୋଜନାକୁ ଉଚ୍ଛେଦ କରି ଏକ ଦିଗହରା ଅପରିଣାମଦର୍ଶୀ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଯେପର୍ଯ୍ୟନ୍ତ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ପୁନଃ ପ୍ରଚ଼ଳନ କରି ନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ଚୁପ୍ ହୋଇ ବସିବ ନାହିଁ ବୋଲି ପ୍ରକାଶ କରିଥିଲେ । ଟାଟା କମ୍ପାନୀର ମନମାନି ନିରୀହ ଜନତାଙ୍କୁ ଘୋର ଅନ୍ଧକାର ଭିତରକୁ ଟାଣି ନେଇଛି । ଦେଶର ପ୍ରମୁଖ ରାଜ୍ୟ ଗୁଡିକ ବାହାର ରାଜ୍ୟରୁ ବିଦ୍ୟୁତ କିଣି ଆମ ରାଜ୍ୟଠାରୁ କମ ଦରରେ ବିଦ୍ୟୁତ ଯୋଗାଣ କରୁଥିବା ବେଳେ ଆମ ରାଜ୍ୟ ବିଦ୍ୟୁତ ଉତ୍ପାଦନରେ ଚ଼ାହିଦା ଠାରୁ ଢେର ଗୁଣ ଅଧିକାରର ଥାଇ ଅଧିକ ରାଜ୍ୟବାସୀଙ୍କୁ ବିକ୍ରି କରୁଛନ୍ତି । ଏହା ରାଜ୍ୟବାସୀଙ୍କୁ ଶୋଷଣ ନୁହେଁ ତ ଆଉ କଣ ?

ଏଣୁ କଂଗ୍ରେସ ରାଜ୍ୟ ସରକାର ତୁରନ୍ତ ୩୦୦ ୟୁନିଟ ବିଦ୍ୟୁତ ମାଗଣା ଯୋଗାଇବା ସହ କୃଷିକ୍ଷେତ୍ରରେ ବିଦ୍ୟୁତ ଶୁଳ୍କ ସମ୍ପୂର୍ଣ୍ଣ ଛାଡ କରିବା ପାଇଁ ଦାବି କରୁଛି ।

ସେହିଭଳି ଚ଼ାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଯେଉଁ ଭଳି ସଂଗ୍ରାମ ଚ଼ଳାଇଛନ୍ତି, ଏବଂ ରାଜ୍ୟ ସରକାର ତାଙ୍କୁ ଅବହେଳା କରି ଚ଼ାଲିଛନ୍ତି, ତାହା ରାଜ୍ୟବାସୀଙ୍କୁ ବାଧିଛି । ଚ଼ାଷୀମାନଙ୍କୁ ୮୦୦ଟଙ୍କା ଅଧିକ ଦେବାକୁ ଦେଇ ଚ଼ାଷୀମାନଙ୍କ ମନକୁ ମୋହି ଭୋଟ ହାତେଇଲା ପରେ ଏବେ କଟନୀ ଛଟନୀ ଚ଼ାଷୀମାନଙ୍କ ମନରେ କଷ୍ଟ ଦେଇଛି । ମଣ୍ଡିରୁ ଧାନ ନେବାରେ ଅହେତୁକ ବିଳମ୍ବ, ଚ଼ାଷୀ ଟୋକନ ନ ପାଇ ବାର ଦୁଆର ହେବା ଆଦି ବହୁ ସମସ୍ୟା ଚ଼ାଷୀମାନଙ୍କ ମୁଣ୍ଡ ବିନ୍ଧାଇଛି । ଏଣୁ ଯଥାଶୀଘ୍ର ଚ଼ାଷୀ ସମସ୍ୟାକୁ ଦୂର କରିବା ପାଇଁ ସାମ୍ବାଦିକମାନଙ୍କ ଜରିଆରେ ଦାବି କରିଥିଲେ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଦଳର ବରିଷ୍ଠ ନେତା ବିକାଶ ସାମଲ, ତାଳଚେରର ବିଧାୟକ ପ୍ରାର୍ଥୀ ପ୍ରଫୁଲ ଦାସ, ଋପାଦାସ୍ତା ମହାପାତ୍ର, ଗୋପାଳ ଚନ୍ଦ୍ରନାଥ, ଏଲ ମଣିକେପ୍ରଭା, ଚିତ୍ତରଞ୍ଜନ ନାଏକ, ସୁଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।




## ଶିଳ୍ପ ବିପର୍ଯ୍ୟୟ ପ୍ରସ୍ତୁତିର ତଦାରଖ ପାଇଁ ଜରୁରୀକାଳୀନ ମକ୍ ଡ୍ରିଲ୍




ଅନୁଗୁଳ, ୧ ୧।୧ (ନି.ପ୍ର): ଛେଣ୍ଡିପଦା ରୋଡ୍ ସ୍ଥିତ ନିଶା ନିକଟରେ ଏକ ପୂର୍ଣ୍ଣାଙ୍ଗ ଜରୁରୀକାଳୀନ ମକ୍ ଡ୍ରିଲ୍, ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ଗୁଡ଼ିକ ଜରୁରୀକାଳୀନ ସମୟରେ ଯୋଗାଯୋଗ ବ୍ୟବସ୍ଥା, ଜରୁରୀକାଳୀନ ଯନ୍ତ୍ରପାତି, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ପ୍ରଭାବଶାଳୀ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଡିସଟ୍ରିକ୍ଟ ଅଫ୍-ସାଇଟ୍ ଏମର୍ଜେନ୍ସି ରେସପନ୍ସ ପ୍ଲାନ୍ (ଓଇଆରପି) ଅନୁଯାୟୀ ଏହି ଅଭ୍ୟାସ କରାଯାଇଥିଲା । ଏହି ମକ୍ ଡ୍ରିଲରେ ଅନୁଗୁଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚ଼ନ୍ଦ୍ର ବେହେରା; ଅନୁଗୁଳ ଜୋନ୍-୧ ର କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ମନୋଜ ମିଶ୍ର; ଜିଲ୍ଲା ଅଗ୍ନିଶମ ଅଧିକାରୀ ଶରତ ଚ଼ନ୍ଦ୍ର ମଲ୍ଲିକ; ଏବଂ ଛେଣ୍ଡିପଦାର ସହକାରୀ ଶ୍ରମ ଅଧିକାରୀ କୁମାରୀ ପଦ୍ମଜା ସାହୁ ପ୍ରମୁଖ ଅଧିକାରୀ ସାମିଲ ହୋଇଥିଲେ । ସେହିପରି ଶିଳ୍ପାନୁଷ୍ଠାନ ପକ୍ଷରୁ ଜିନ୍ଦଲ ଷ୍ଟିଲର ସେଫ୍ଟି ମୁଖ୍ୟ(ଅନୁଗୁଳ) ଜିତେନ୍ଦ୍ର ପରିଡା, ଏସବିବିପିପି ପ୍ଲାଣ୍ଟ ମୁଖ୍ୟ (ଏଚ୍‌ଓପି) ଶ୍ରୀ ଗଜେନ୍ଦ୍ର ରାଓ୍ୱତ ଏବଂ ଏସବିପିପିର ପରିଚ଼ାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ) ମୁଖ୍ୟ ଶ୍ରୀ ୟୁ. ଭି. ଏମ୍. ରାଓଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଏବଂ ନିକଟବର୍ତ୍ତୀ ଶିଳ୍ପର ପ୍ରତିନିଧିମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ଡ୍ରିଲ୍ ?ରେ ଅଂଶଗ୍ରହଣ କରିଥିଲେ । ଏହି ମକ୍ ଡ୍ରିଲ୍ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଅନୁଗୁଳର କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ଏକ ପ୍ରୟାସ କରାଯାଇଥିଲା । ଯାହା ଫଳରେ ଆଗକୁ ପ୍ରସ୍ତୁତି ସହ ଅସୁବିଧାଗୁଡିକର ଚ଼ିହ୍ନଟ କରାଯାଇପାରିବ ।

## ବିମାନ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଡିଜିସିଆଇ ଟିମ୍

ଲାଠିକଟା, ୧ ୧।୧ : ଭୁବନେଶ୍ୱରରୁ ରାଉରକେଲା ଉଡ଼ାଣ କରୁଥିବା ୯ ସିଟର ସିଙ୍ଗଲ ଇଞ୍ଜିନ ବିମାନ ଇଣ୍ଡିଆ ୱାନ୍ ଏୟାର ପ୍ରକାରର ବିମାନ ରେଜିନ୍ ଭିଟି-କେଏସଏସ ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଆଜି ଡିଜିସିଆଇ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ସୂଚ଼ନା ମିଳିଛି । କେମିତି ଦୁର୍ଘଟଣା ହେଲା ,କାହିଁକି ଫୋର୍ସ ଲ୍ୟାଣ୍ଡିଂ କରାଗଲା ତାହା ଛାନଭିନ୍ କରାଯାଉଛି । ଦୁଇ ଜଣିଆ ଡାକ୍ତରୀ ଟିମ୍ ମଧ୍ୟ ଆଜି ରାଉରକେଲାରେ ପହଞ୍ଚିଛନ୍ତି । ବରିଷ୍ଠ ଅଧିକାରୀ ମାନଙ୍କ ସହ ପରିବହନ ସଚିବ ଉଷା ପାଢ଼ୀଙ୍କ ଆଲୋଚ଼ନା କରିଛନ୍ତି । ଏବଂ କହିଛନ୍ତି ବିମାନ ଦୁର୍ଘଟଣା ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀ ନଜର ରଖିଛନ୍ତି । ଆହତଙ୍କୁ ସବୁ ପ୍ରକାର ସହଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ପ୍ରକାର ସୁବିଧା ସହଯୋଗ ଯୋଗାଇ ଦିଆଯାଇଛି । ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଦୁଇ ଜଣିଆ ଡାକ୍ତରୀ ଟିମ୍ ମେଡିକାଲକୁ ଯାଇଛନ୍ତି । ସେପଟେ ବିମାନ ଦୁର୍ଘଟଣାରେ ଆହତ ହୋଇଥିବା ଦୁଇ ଜଣଙ୍କୁ ମୁମ୍ବାଇ ଏୟାର ଲିଫ୍ଟ କରାଯାଇଛି ।

### ନବରଙ୍ଗପୁର ଜିଲ୍ଲାରେ ମଣ୍ଡି ସମସ୍ୟା

## କଂଗ୍ରେସର ରାସ୍ତାରୋକ, ୧୩ ରେ ବିଜେଡିର ବନ୍ଦ ଡାକରା

ନବରଙ୍ଗପୁର, ୧ ୧।୧ (ନି.ପ୍ର.): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଆଜି ଜିଲ୍ଲାରେ ଚ଼ାଲିଥିବା କିଛି ଧାନ ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା । ସେଥିରେ ରାଜ୍ୟ କିଷାନ ସେଲ୍ ସଭାପତି ଅଭୟ କୁମାର ସାହୁ, ଉପ – ସଭାପତି ସିଟି କଣ୍ଠ ମହାନ୍ତି ଯୋଗ ଦେବା ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକ୍ ରୁ ଅନେକ ନେତୃ ମଣ୍ଡଳୀ, ବହୁ ପରିମାଣରେ କର୍ମୀ ଓ ଚ଼ାଷୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟା ସୁଶ୍ରୀ ହାରାବତି ଗଣ୍ଡ, ଜିଲ୍ଲା କିଷାନ କଂଗ୍ରେସ ସେଲ୍ ସଭାପତି ସନରାଜ ଗଣ୍ଡ, ବରିଷ୍ଠ ନେତା ବୃନ୍ଦାବନ ତ୍ରିପାଠୀ, ଦିଲ୍ଲିପ କୁମାର ବେହେରା, ଶିବରାମ ରାଜୁ, ପର୍ଶୁ ନାୟକ, ପଦମ ସାଇ ମାଳି, ପ୍ରହଲ୍ଲାଦ ହିଆଲ, ତମ୍ବୁ ଦାସ ପନକା, ପ୍ରଦୀପ ସାହୁ, ଅଖିଳ ଭତରା, ଗଣେଷ ପଟ୍ଟନାୟକ, ନୁରୁନ ତନ୍ତୀ, ଗୋବର୍ଦ୍ଧନ ଭତରା, ରଘୁନାଥ ମାଝୀ, କୃଷ୍ଣ ମାଝୀ, ଶ୍ରୀମତୀ ସନ୍ତୁଳା ଧୁରୀଆ, ଈଶ୍ୱର ନାୟକ, ବସନ୍ତ ବିଷୋୟୀ ପ୍ରମୁଖ ଙ୍କ ସହ ବହୁ ପରିମାଣରେ ଚ଼ାଷୀ ଓ କର୍ମୀ ଯୋଗ ଦେଇଥିଲେ ।



ଆଜିର ଏହି ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ ମଧ୍ୟରେ ନବରଙ୍ଗପୁର ମୁଖ୍ୟ ବଜାର କମିଟି ନନ୍ଦା ହାଣ୍ଡି ବ୍ଲକ୍ ଶିନ୍ଧିଗୁଡ଼ା, ସରୁଗୁଡ଼ା ତେନ୍ତୁଳି ଖୁଣ୍ଟି ବ୍ଲକ୍ ପାତ୍ରପୁର ଠାରେ ରାଜ୍ୟ ର କୃଷକ ସେଲ୍ ସଭାପତି ଓ ଟିମ୍ ଯାଇ ପରିଦର୍ଶନ କରିଥିବା ସ୍ଥଳେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ଏକ ଟିମ୍ କୋଷାଗୁମୁଡ଼ା ମଣ୍ଡି ପରିଦର୍ଶନ କରି କିଛି ସମୟ ରାସ୍ତା ରେ ଧାନ ବସ୍ତା ରଖି ପ୍ରତିବାଦ କରିବା ସହ ରାସ୍ତା ରୋକ ଓ ଧାରଣା ରେ ଅନେକ ଚ଼ାଷୀ, ନେତା ଓ କର୍ମୀ ବସିଥିଲେ । ଚ଼ାଷୀଙ୍କ ସୁବିଧା ପାଇଁ ମଣ୍ଡି କୁ ଯେଉଁ ଦିନ ଯେତେ ଧାନ ଆସୁଛି ସେହିଦିନ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ଓ ଅନ୍ୟ ଜିଲ୍ଲା ମାନଙ୍କ ଭଳି ଜରି ବ୍ୟାଗ୍ ସହ ବିନା କଟନି ଛଟନି ରେ ଧାନ ଉଠାଯିବା ପାଇଁ ଉପସ୍ଥିତ ନେତୃ ମଣ୍ଡଳୀ ନିଜ ଅଭିଭାଷଣ ରଖିବା ସହ କମିଟି ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ଦିଆ ଯାଇଥିବା ପ୍ରତିଶ୍ରୁତି ମୁତାବକ ଚ଼ାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୬୯/- ଟଙ୍କା ପ୍ରଦାନ ନିମନ୍ତେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ନିଜ ଅଭିଭାଷଣ ରଖିବା ଦେଖା ଯାଇଥିଲା । ନବରଙ୍ଗପୁର ଜିଲ୍ଲା ମୁଖ୍ୟ ବଜାର କମିଟି ମଣ୍ଡି ରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଯ ସେଠାରେ ଥିବା ୱେଟ୍ ମେସିନ୍ ଅଚ଼ଳ ଥିବା ଚ଼ାଷୀ ଙ୍କୁ ହତାଶ କରିଥିଲା ।

### ବିଜେଡିର ସାମ୍ବାଦିକ ସମ୍ମିଳନୀ

ନବରଙ୍ଗପୁର, ୧ ୧।୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲାରେ ମଣ୍ଡିରେ ଅଚ଼ଳାବସ୍ଥା କୁ ନେଇ ଜିଲ୍ଲା ବିଜେଡି କରିବ ପ୍ରତିବାଦ । ଆସନ୍ତା ୧୩ ତାରିଖ ଦିନ ଜିଲ୍ଲାର ୭ ଟି ବ୍ଲକ ର ଚ଼କ ଅଖ ବନ୍ଦ ଡାକରା । ଦୋକାନ ବଜାର ଖୋଲା ରହିବ କେବଳ ରାସ୍ତା ବନ୍ଦ କରିବେ ବିଜେଡି । ଏହାସହ ଜିଲ୍ଲାପାଳ ଅଫିସ ଘେରାଉ କରି ସରକାର ଙ୍କୁ ଜବାବ ମାଗିବ ବିଜେଡି । ଅପରପକ୍ଷରେ ଚ଼ାଷୀ ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନ କରାଯିବ । ମଣ୍ଡି ରେ ଅଚ଼ଳାବସ୍ଥା ନେଇ ପ୍ରତିବାଦ ରେ ସ୍ଥାନୀୟ ଏକ ହୋଟେଲ ରେ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲାର ସାତ ଟି ବ୍ଲକ ର ଚ଼କ ଅଖ ବନ୍ଦ ନେଇ ଘୋଷଣା କରିଲା ଜିଲ୍ଲା ବିଜେଡି । ଜିଲ୍ଲାରେ ଦୁଇ ମାସ ବିଳମ୍ବ ରେ ଆରମ୍ଭ ହେଲା ଧାନ ମଣ୍ଡି । ଦୀର୍ଘ ଏକ ମାସ ଧରି ତଥାପି ବି ମଣ୍ଡିରେ ଅଚ଼ଳାବସ୍ଥା ଜାରି ରହିଛି । ମଣ୍ଡି କୁ ଧାନ ଚ଼ାଷୀ ଆଣିଲେ ମଧ୍ୟ ଧାନ ଉଠିପାରୁନାହିଁ । ଯାହାକୁ ନେଇ ସରକାର ଙ୍କୁ ଭର୍ତ୍ସନା କରିଛି ଜିଲ୍ଲା ବିଜେଡି ।

### ମଣ୍ଡି ସମସ୍ୟା ନେଇ ଚ଼ାଷୀଙ୍କ ରାସ୍ତାରୋକ

ନବରଙ୍ଗପୁର (କୋଷାଗୁମୁଡ଼ା), ୧ ୧।୧ (ନି.ପ୍ର): ବିଭିନ୍ନ ବ୍ଲକରେ ଚ଼ାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳୁଛି । ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକରେ । କୋଷାଗୁମୁଡ଼ା ଧାନମଣ୍ଡିରେ ପନ୍ଦର ହଜାରରୁ ଉର୍ଦ୍ଧ ଧାନ ବସ୍ତା ପଡି ରହିଥିବା ବେଳେ, ଏଯାଏ ଗୋଟେ ବି ବସ୍ତା ଧାନ ସରକାର ଉଠେଇ ନାହାନ୍ତି । ତେଣୁ ବ୍ଲକର ଚ଼ାଷୀକୁଳ ଏକତ୍ରିତ ହୋଇ ଆଜି ଦିବା ପ୍ରାୟ ୧ ୧ଘଂଟିକାରେ କୋଷାଗୁମୁଡ଼ା –ଛତିଶଗଡ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା କଂଗ୍ରେସ ସଭାପତି ଲିପିକା ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ବିରୋଧୀ ଦଳୀୟ ନେତା ଓ ନେତ୍ରୀ ଘଟଣା ସ୍ଥଳରେ ରହି ଚ଼ାଷୀଙ୍କୁ ସମର୍ଥନ ଜଣେଇବା ସହିତ ଚ଼ାଷୀଙ୍କର ସ୍ୱର ସାଜିଥିବା ଦେଖିବାକୁ ମିଳିଥିଲା । ଦୀର୍ଘ ଦୁଇ ଘଣ୍ଟା ରାଜରାସ୍ତା ଉପରେ ବସି ରହିବା ପରେ ଅତିରୋକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସଂଯୁକ୍ତା ପ୍ରଧାନ, ସ୍ଥାନୀୟ ତହସିଲଦାର ତୁଳା ମୁଦଲି, ଏସଡିପିଓ ପାପଡାହାଣ୍ଡି ସତ୍ୟଜିତ କଣ୍ଡାଲକଲ , କୋଷାଗୁମୁଡ଼ା ଓ କୋଡୀଙ୍ଗା ପୋଲିସ ଘଟଣା ସ୍ଥଳରେ ପହଂଚ଼ି ଚ଼ାଷୀଙ୍କୁ ବୁଝାସୁଝା କରିଥିଲେ ।





## ତରଡ଼ିପାଳ ନୋଡାଲ ଉଚ୍ଚବିଦ୍ୟାଳୟରେ ବାର୍ଷିକକ୍ରୀଡା ଉତ୍ସବ

ପଟ୍ଟାମୁଣ୍ଡାଇ, ୧୧।୧:(ମନ୍ଥନ)ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ି ପାଳ ନୋଡାଲ ଉଚ୍ଚବିଦ୍ୟାଳୟରେ ବାର୍ଷିକକ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୁଶ୍ରୀ ସତ୍ୟବତୀ ସାହୁ ଙ୍କ ପୌରାହିତ୍ୟ ସହକାରୀ ଶିକ୍ଷୟିତ୍ରୀ ତରଙ୍ଗବାଳା ରାଉତଙ୍କ ସଂଯୋଜନା ରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ତରଡ଼ିପାଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଜକୁମାର ବିଶ୍ୱାଳ,ପ୍ରାକ୍ତନ ବରିଷ୍ଠ ଖେଳ



ଶିକ୍ଷକ ଶୁଶିଲ କୁମାର ବିଶ୍ୱାଳ, ପ୍ରାକ୍ତନ ଶିକ୍ଷକ ବାବାଜି ଚରଣ ଦାଶ,ଶିକ୍ଷା ସଂଯୋଜକ ପ୍ରହଲ୍ଲାଦ ପଲାଇ, ପ୍ରାକ୍ତନ ଶିକ୍ଷା ସଂଯୋଜକ ପ୍ରଦୀପ କୁମାର ତରାଇ, ମହେଶ୍ୱର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ରୀଡା ରେ ପାରଦର୍ଶିତା ଦେଖାଇ ଚମ୍ପିୟନ ହୋଇଥିବା ରୋହିତ ଜେନା, ଚେମେଲୀ ମଳିକ, ରଞ୍ଜନ ଜେନା, ଆଦ୍ୟାଶା ବିଶ୍ୱାଳ, ରୁଦ୍ର ମାଧବ ବିଶ୍ୱାଳ,ପ୍ରୀତିପ୍ରଜ୍ଞା ବିଶ୍ୱାଳ ଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନକରିଥିଲେ । ଏହି ଉତ୍ସବକୁ କ୍ରୀଡା ଶିକ୍ଷକ ରାଜକିଶୋର ବେହେରା,ମାନସ ରଞ୍ଜନ ଭୋଇ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ସଞ୍ଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ବକ୍ତବ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ ଲିନା ସାହୁ ଧନ୍ୟବାଦ ଦେଇଥିଲେ।ଶିକ୍ଷକ ସଞ୍ଜୟ କୁମାର ବେହେରା ,ଲିଲିରାଣୀ ରାଉତ,ଶୁଭଶ୍ରୀ ବେହେରା, ସୁଶ୍ରୀସଂଗୀତା ନାୟକ, ଶ୍ୱେତପ୍ରଭା ବିଶ୍ୱାଳ,ଶୁଭଶ୍ରୀ ଜେନା, ଜଗନ୍ନାଥ ପତି, ଓ ବିଜୟ କେତନ ପାତ୍ର, କମଳାକାନ୍ତ ମଲ୍ଲିକ୍, ପରିଚାଳନାରେ ସହଯୋଗ କରିଥିଲେ । ସଭା ଶେଷ ରେ ଛାତ୍ର ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ ।

## ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ର ୧୫୦ ତମ ଉତ୍ସବର ପାଳନ ପାଇଁ ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଓ ସମୂହ ଗାନ

ଡେଲାଙ୍ଗ, ୧୧।୧:(ମନ୍ଥନ)ଜିଲ୍ଲା ସଂସ୍କୃତି ବିଭାଗ ନିର୍ଦ୍ଦେଶାନୁଯାୟୀ ଡେଲାଙ୍ଗ ମଣ୍ଡଳ ଉନ୍ନୟନ ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଡେଲାଙ୍ଗ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ମାତାର ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ର ୧୫୦ ତମ ବାର୍ଷିକ ଉତ୍ସବକୁ ବିଦ୍ୟାଳୟସ୍ତରରେ ଅନୁପାଳନର ବିଧି ସମ୍ପର୍କୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ପ୍ରଭା ବେହେରା ଅଧକ୍ଷତା କରିଥିଲେୟ କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ମଞ୍ଚ ସଂଯୋଜନା କରିଥିଲେ। ଏଥିରେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା,ସହ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର



ଅଧକ୍ଷା ସ୍ନେହାଞ୍ଜଳୀ ମହାନ୍ତି, ଘୋରଡିଅ। ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଆସନ୍ତା ୧୨ ତାରିଖ ଦିନ ଜାତୀୟ ଯୁବ ଦିବସ ଅବସରରେ ବିଦ୍ୟାଳୟ , ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟମାନଙ୍କରେ ଦେଶ ପ୍ରେମ ଜାଗରଣର ପ୍ରତୀକ ଭାବେ ଏକ ସମୟରେ ସାମୂହିକଭାବେ ବନ୍ଦେ ମାତରମ୍ ରାଷ୍ଟ୍ରଗୀତ ଗାନର ନିୟମ ,ଛାତ୍ର ଛାତ୍ରୀ ମାନଙ୍କ ଏହି ଗୀତ ଆବୃତ୍ତି, ଏ ସମ୍ବନ୍ଧୀୟ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ପ୍ରତିଯୋଗିତାର ଆୟୋଜନ ଆଦି ସମ୍ପର୍କରେ ବୁଝାଇଥିଲେ । ପ୍ରଶିକ୍ଷଣ ଶିବିରରେ ସମବେତ ବନ୍ଦେ ମାତରମ୍ ଗାନ ଓ ଶପଥ ପାଠ କରାଯାଇଥିଲା। ପ୍ରଶିକ୍ଷିକା ନିରୋଜା ଧଳ, ସୁନିତା ନାୟକ, କଜ୍ଜଳିନୀ ପଟ୍ଟନାୟକ ଏ ସମ୍ପର୍କୀତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତି ବିଦ୍ୟାଳୟରୁ ପ୍ରତିଯୋଗିତା କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତି ବିଦ୍ୟାଳୟର ତିନି ଜଣ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ସଭାରେ ଘୋଷଣା କରାଯାଇଥିଲା । ଏଥିରେ ଡ଼େଲାଙ୍ଗ ମଣ୍ଡଳର ୧୩୯ଟି ପ୍ରାଥମିକ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୨୪ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ,ଅଧକ୍ଷାମାନେ ଯୋଗଦେଇ ଥିଲେ । ଡେଲାଙ୍ଗ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ସୁ ପ୍ରକାରର ସହଯୋଗ କରାଯାଇଥିଲା ।

## ଫ୍ରେଣ୍ଡସ କ୍ଲବ ଦ୍ୱାରା ଆୟୋଜିତ ଅଲ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର, ୧୧।୧:(ମନ୍ଥନ) ପି.ଆର. ହାଇସ୍କୁଲରେ ମୁଁ ନିଜେ ପାଠ ପଢ଼ିଛି । ଏହି ପଡିଆରେ ଖେଳିଛି, ବଢ଼ିଛି ପରବର୍ତ୍ତି ସମୟରେ ବିଧାୟକ ଥିବା ବେଳେ ଏହି ଖେଳ ପଡିଆ। ଏକ ସୁଦୃଶ୍ୟ ଗ୍ୟାଲେରି ତିଆରି କରାଯାଇଛି । ଖେଳର ଉନ୍ନତି ପାଇଁ ଏହାର ପରିସରରେ ଏକ ସୁନ୍ଦର ବ୍ୟାଡ ମିଣ୍ଟନ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି । ଆହୁରି ଅନେକ ବିକାଶ କରିବାର ଥିଲା । ୨୦୨୪ ପୂର୍ବରୁ ୧ କୋଟି ଟଙ୍କା ରାଶି ଏହି ଖେଳ ପଡିଆର ଘାସ,



ଡ୍ରେନଜ ଓ ପାଣି ସିଞ୍ଚନ ପ୍ରଣାଳି ନିର୍ମାଣ ପାଇଁ ଅନୁଦାନ ଅଣାଯାଇ ଯାଇଥିଲା କିନ୍ତୁ କିଛି ଲୋକଙ୍କ ଗୋଡଟଣା ପ୍ରଭୃତି ପାଇଁ ପ୍ରକଳ୍ପଟି ପ୍ରଶାସନିକ ମଂଜୁରି ପାଇବା ପରେ ମଧ୍ୟ ଟଙ୍କା ଫେରାଇ ନିଆଗଲା । ସେ ଯାହା ବି ହେଉ ବର୍ତ୍ତମାନ ମୁଁ କ୍ଷମତା ରେ ଥାଏ କି ନ ଥାଏଁ ଏ ପଡିଆ। ଆହୁରି ବିକାଶ ନିଶ୍ଚୟ କରାଯିବ ବୋଲି ଆଜି ପି.ଆର ହାଇସ୍କୁଲ ଖେଳପଡିଆରେ ଫ୍ରେଣ୍ଡର୍ସ କ୍ଲବ ଆନୁକୁଲ୍ୟରେ ଆୟୋଜିତ ହେଉଥିବା ଅଲ୍ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପସ୍ଥିତ ଦର୍ଶକ ଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଖେଳ ଉନ୍ନତି ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ସେ ନିଜେ ଆଲୋଚନା କରିଛନ୍ତି । ଲୋୟର ସୁକତେଲ ଡେମ ତଳେ ଏକ ଷ୍ଟାଡିୟମ ଓ ସେଠାରେ ଏକ ସୁନ୍ଦର ଉଦ୍ୟାନ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଲୋଚନା ବେଳେ ଆୟୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବ ଉପରେ ବହୁତ ସକରାତ୍ମକ ଆଭିମୁଖ୍ୟ ରଖିଛନ୍ତି । ତେଣୁ ଆମ ଅଂଚଳର ଖେଳ ଓ ଖେଳାଳିମାନଙ୍କ ବିକାଶ ପାଇଁ ସେ ନିଜେ ସବୁପ୍ରକାର ଯୋଗଦାନ ରଖିବେ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି । ଆଜି ସେମିଫାଇନାଲ ଖେଳ ଝାରସୁଗୁଡା ଏକାଦଶ ବନାମ ଢେଙ୍କାନାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ଖେଳରେ ଝାରସୁଗୁଡ଼ା ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲ ରେ ପହଂଚିଛି । ଆଜି ଆୟୋଜକ କମିଟି ତରଫରୁ ପ୍ରକ୍ତନ ଫୁଟବଲ ଖେଳାଳି ଜରାସିଂହା ର କୈଳାସ ଚନ୍ଦ୍ର କର୍ତ୍ତ, ଖୁଜେନପାଲିର ଭୁପେନ୍ଦ୍ର ପ୍ରସାଦ ସିଂହ ଓ ଉଦୟମାନ ବାଳିକା ବ୍ୟାଡମିଣ୍ଟନ ଖେଳାଳି ପାଟଣାଗଡର ସଂପାଦା ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଆଜି ସମ୍ମାନିତ ଅତିଥି ଭାବେ ଫାଓ ସଭାପତି ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡା ସଂଘ ସଂପାଦକ ହରିନାରାୟଣ ପୁଜାରୀ, ପୁଇଁନ୍ତଲା ବ୍ଲକ ଚେୟାରମେନ ସରୋଜ ପ୍ରଧାନ, ଗାନ୍ଧୀ କ୍ଲବ ସଭାପତି ରାମଚନ୍ଦ୍ର ପୁରୋହିତ, ଫ୍ରେଣ୍ଡକ୍ଲବ ପ୍ରେସିଡେଣ୍ଟ ଲୋଟସ ଷଡଙ୍ଗି, ସଂପାଦକ ଜଗନ୍ନାଥ ମିଶ୍ର ପ୍ରମୁଖ ମଂଚସିନ ଥିଲେ ।

## ଘନିପୁର ବିଜେବି ସଂଯୁକ୍ତ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ଡେଲାଙ୍ଗ, ୧୧।୧:(ମନ୍ଥନ)ଡେଲାଙ୍ଗ ମଣ୍ଡଳ ଅନ୍ତର୍ଗତ ଘନିପୁର ବିଜେବି ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ପାଇଁ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସହ ଶିକ୍ଷା ଅଧିକାରୀ ଶ୍ରୀମତୀ ସୁଷମା ଦାଶ ମଶାଲ ଶୋଭାଯାତ୍ରାରେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେୟ ସମ୍ମାନିତ ଅତିଥିଭାବେ ଘୋରଡିଅ। ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ଯୋଗଦେଇ ଥିଲେ । ଅତିଥିମାନେ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ପାଠ ପଢା ସହିତ କ୍ରୀଡା ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ପ୍ରକାଶ କରିବ ସହ ଛାତ୍ର ଛାତ୍ରୀଙ୍କୁ କ୍ରୀଡା ପ୍ରତି ଆକୃଷ୍ଟ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସକିନା ବେଗମ୍ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶିକ୍ଷକ ସୁରେନ୍ଦ୍ର ବେହେରା କ୍ରୀଡା କାର୍ଯକ୍ରମର ସଂଯୋଜନା କରିଥିଲେ ୟ କ୍ରୀଡ଼ା ଶିକ୍ଷକ ବିଭୂତି ଭୂଷଣ ପାଟଶାଣୀ ଆୟୋଜିତ କ୍ରୀଡ଼ାରେ ଦୌଡ଼ ,ଗଣିତ ଦୌଡ଼,ଲମ୍ବ ଡିଆଁ, ଉଚ୍ଚ ଡିଆଁ,ଗୀତ ଚୌକି ଆଦି ବିଭିନ୍ନ ପ୍ରକାରର ଖେଳକୁ ପରିଚାଳନା କରିଥିଲେ । ପ୍ରାୟ ୩୦୦ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟାଙ୍କ ସହ ଶିକ୍ଷକ ସୁନନ୍ଦ ପ୍ରଧାନ, ଅକ୍ଷୟ ପଣ୍ଡା,ବନମାଳୀ ସାହୁ, ଶିକ୍ଷୟିତ୍ରୀ ଶସ୍ମିତା ବଳବନ୍ତରାୟ ,ସିପ୍ରାଞ୍ଜଳି ସାହୁ, ସୁପ୍ରଭା ସାହୁ ମଧୁସ୍ମିତା ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସୁ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଗିଲ ଓ ସିଆରସିସି ତପନ କୁମାର ମଲ୍ଲିକ୍ ଯୋଗଦେଇ କ୍ରୀଡାର ଉପକାରିତା ସମ୍ପର୍କରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ ।

## ମାହାଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ

ମାହାଙ୍ଗା, ୧୧।୧:(ମନ୍ଥନ)ଶୁକ୍ରବାର କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଚଳିତ ଖରିଫ ୨୫-୨୬ ବର୍ଷରେ ଋଷୀ ମାନଙ୍କ ର ଧାନ କ୍ରୟ ପାଇଁ ମାହାଙ୍ଗା ସେବା ସମବାୟ ସମିତି ପକ୍ଷରୁ ଗୈୟଡପଡା ଠାରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଅଛି । ଏଥିରେ ମାହାଙ୍ଗା ଅଞ୍ଚଳର ବହୁ ଋଷୀ ମାନେ ଯୋଗଦାନ କରିଥିଲେ । ସମିତିର ସଭାପତି ରଜନୀକାନ୍ତ ପରିଡ଼ା ମଣ୍ଡି ଉଦଘାଟନ କରିବା ସହ ଦେଶର ଅନ୍ନଦାତା ଋଷୀକୁଳର ସ୍ୱାର୍ଥ ରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରିବା ଏବଂ ସରକାରଙ୍କ ପ୍ରଦତ୍ତ ନିୟମାନୁଜାୟୀ ଋଷୀମାନଙ୍କ ଠାରୁ ଧାନ କ୍ରୟ କାରିବାର ସୁବ୍ୟବସ୍ଥା ହୋଇଅଛି ବୋଲି କହିଛନ୍ତି । ଉପଯୁକ୍ତ ମୂଲ୍ୟରେ ଋଷୀମାନେ ଧାନ ବିକ୍ରୟ କରିବା ନିମନ୍ତେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଶରତ କୁମାର ଜେନା, ଭବାନୀଶଙ୍କର ସାହୁ,ଦୋଳଗୋବିନ୍ଦ ସାହୁ, ଶୁନଚନ୍ଦ୍ର ମହାପାତ୍ର,, ଧୀରେନ୍ଦ୍ରକ୍ରିଷ୍ଣ ଦାସ, ସୁନାକର ସିଂହ, ଉମେଶ ଚନ୍ଦ୍ର ଦାଶ, ବୈଷ୍ଣବ ଚରଣ ଲେଙ୍କା, ତପନ କୁମାର ସିଂହ,କ୍ରିଷ୍ଣକାନ୍ତ ଷଡ଼ଙ୍ଗୀ,ସୁଦ୍ଧଚିତ ରାୟ, ସାଧୁଚରଣ ମହାପାତ୍ର, ନାରାୟଣ ପାତ୍ରଙ୍କ ସହ ସମିତିର ପରିଚାଳନା କର୍ମଚାରୀ ହିରଣ୍ମୟ ସ୍ୱାଇଁ, ଚିରଞ୍ଜିବୀ ସାହୁ, ସଙ୍ଗୀତା ନାୟକ, ପ୍ରଶନ ବେହେରା ଆଦି ଯୋଗଦେଇଥିଲେ ।

## ଅଙ୍ଗାରଗାଁରେ ନାରାୟଣ ସାହୁଙ୍କ ସ୍ମୃତି ସମାରୋହ

ବେଗୁନିଆପଡ଼ା, ୧୧।୧:(ମନ୍ଥନ)ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟରେ ସମାଜବାଦୀ ନେତା ନାରାୟଣ ସାହୁ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋଆ ମୁକ୍ତି ଆନ୍ଦୋଳନର ଯଶସ୍ୱୀ ସ୍ୱାଧୀନତା ସଂଗ୍ରାମୀ, ଖଲ୍ଲିକୋଟ ବିଧାନସଭା କ୍ଷେତ୍ରରୁ ଦୁଇ ଦୁଇ ଥର ବିଧାୟକ ତଥା ବିଶିଷ୍ଟ ସମାଜବାଦୀ ନେତା ନାରାୟଣ ସାହୁଙ୍କ ମଧ୍ୟଲୋକରୁ ବିଦାୟର ନିର୍ଦ୍ଧାରିତ ତାରିଖ ୨୦୧୪ ମସିହା ଜାନୁୟାରୀ ୯ ତାରିଖ ଥିଲା। ସେହି ତାରିଖରେ ତାଙ୍କ ନିଜ ହାତଗଢ଼ା ଶିକ୍ଷାନୁଷ୍ଠାନ ଦଣ୍ଡପାଣି ସୁମନ୍ତରାୟ ଉଚ୍ଚ ବିଦ୍ୟାଳୟରେ ଏହି ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହକୁ ବିଶିଷ୍ଟ ବାଗ୍ମୀ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡକ୍ଟର ବିଷ୍ଣୁଚରଣ ଚୌଧୁରୀ ଉଦଘାଟନ କରିଥିଲେ। ଏହି ସମାରୋହର ରାଜ୍ୟ ସ୍ମୃତି ସମିତିର ଅଧକ୍ଷ ତଥା ଗ୍ରୀନ୍ ନୋବେଲ୍ ପୁରସ୍କାର ବିଜେତା, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରଖ୍ୟାତ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ପୌରହିତ କରିଥିବା ବେଳେ ଲୋହିୟା ଏକାଡ଼େମୀର ସଂପାଦକ ଦେବପ୍ରସାଦ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ସାହୁ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ତଥା ନବୀନର ସମ୍ପାଦକ ରବି ରଥ, ଲୋକସେବକ ମଣ୍ଡଳର ଜାତୀୟ ସଂପାଦକ ରାଜେନ୍ଦ୍ର କୁମାର ଜେନା ବିଶିଷ୍ଟ ଅତିଥି ଭାବେ ସମାରୋହରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଉଷାରାଣୀ ଆର୍ଯ୍ୟ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଅଙ୍ଗାରଗାଁ ସରପଞ୍ଚ ନିଳେନ୍ଦ୍ରି ସେଠୀ, ସମିତିସଭ୍ୟ ଅଶୋକ କୁମାର ସେଠୀ, ବେଗୁନିଆପଡ଼ା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ, ନାରାୟଣ ସାହୁଙ୍କ ସୁପୁତ୍ର ସୁବାସ ସାହୁ ଉପସ୍ଥିତ ଥିଲେ। ସମାରୋହକୁ ସ୍ମୃତି କମିଟିର ସାଧାରଣ ସମ୍ପାଦକ ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚରିଟେବୁଲ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ସେଠୀ, ସୁରେନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ସାହୁ, ଭ୍ରମରବର ଭୂୟାଁ, ରଙ୍କନିଧି ସେଠୀଙ୍କ ସହ ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ସହ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପଣ୍ଡା ବେଦ ପାଠ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯିବା ସହ ବେଗୁନିଆପଡ଼ା ବ୍ଲକ୍ ଉଚ୍ଚ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁଣ୍ୟ ଶ୍ଲୋକ ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ଦ୍ୱାରା ରଚିତ ସ୍ୱାଭିମାନର ବାର୍ତ୍ତାବହ ସ୍ୱତନ୍ତ୍ର ପୁସ୍ତକ ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସହ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ।

## ମାହାଙ୍ଗା ପ୍ରାଥମିକ କୃଷିସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟିତ

ମାହାଙ୍ଗା, ୧୧।୧:(ମନ୍ଥନ)ଗତ ୯ତାରିଖ ଶୁକ୍ରବାର ଦିନ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଚଳିତ ଖରିଫ ୨୦୨୫-୨୬ବର୍ଷର ଚାଷୀମାନଙ୍କର ଧାନକ୍ରୟ ପାଇଁ ମାହାଙ୍ଗା ସେବା ସମବାୟ ସମିତି ପକ୍ଷରୁ ଗୌଡପଡା ଠାରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏଥିରେ ମାହାଙ୍ଗା ଅଚଂଳର କୃଷକମାନେ ଯୋଗଦେଇଥିଲେ। ସମିତିର ସଭାପତି ରଜନିକାନ୍ତ ପରିଡା ମଣ୍ଡି ଉଦ୍‌ଘାଟନ କରିବା ସହ ଚାଷୀମାନଙ୍କର ସ୍ୱାର୍ଥ ରକ୍ଷା ଦିଗରେ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଉପଯୁକ୍ତ ମୂଲ୍ୟରେ ଚାଷୀମାନେ ଧାନବିକ୍ରୟ କରିବା ନିମନ୍ତେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସଂପାଦକ ଶରତ



କୁମାର ଜେନା , ଭବାନୀଶଙ୍କର ସାହୁ, ଦୋଳଗୋବିନ୍ଦ ସାହୁ, ଶୁନଚନ୍ଦ୍ର ମହାପାତ୍ର, ଧିରେନ୍ଦ୍ର କୃଷ୍ଣ ଦାସ, ସୁନାକର ସିଂ, ଉମେଶ ଚନ୍ଦ୍ର ଦାଶ,ବୈଷ୍ଣବ ଲେଙ୍କା , ତପନ କୁମାର ସିଂ, କ୍ରିଷ୍ଣକାନ୍ତ ଷଡ଼ଙ୍ଗୀ, ଶୁଦ୍ଧଚିତ ରାୟ, ସାଧୁ ଚରଣ ମହାପାତ୍ରଙ୍କ ସହ ସମିତିର ପରିଚାଳନା କର୍ମଚାରୀ ହିରଣ୍ମୟ ସ୍ୱାଇଁ, ଚିରନଜୀବି ସାହୁ, ସଂଗୀତା ନାୟକ, ପ୍ରସନ୍ନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କାର୍ ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

ମାହାଙ୍ଗା, ୧୧।୧:(ମନ୍ଥନ)ମାହାଙ୍ଗା ଥାନା ଅର୍ନ୍ତଗତ କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତାର କୁସୁପୁର ଠାରେ ଆଜି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମୃତ ହୋଇଥିଲା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୂଚନାରୁ ଜଣାପଡିଛି ଯେ ରାହାଣିଆ ପଂଚାୟତର କାଳିଅଣ୍ଟି ଗ୍ରାମର ଅନ୍ନା ଦାସ ସାଇକେଲ ଯୋଗେ ନିଜଘରୁ ବାଲିଚନ୍ଦ୍ରପୁର ବଜାରକୁ ଯାଉଥିଲା ବେଳେ ଓଡି-୧୭-ଡି-୧୯୨୦ନମ୍ବର ବିଶିଷ୍ଟ ଏକ କାର ଭାରସାମ୍ୟ ହରାଇ କୁସୁପୁର ନିକଟ ପଟ୍ଟାମୁଣ୍ଡାଇ କେନାଲ ବନ୍ଧରେ ଥିବା ଏକ ସୌଫିନ୍ ମୁହାଁରେ ତାଙ୍କୁ ସାମ୍ନାପଟୁ ଧକ୍କାଦେଇଥିଲେ। ଫଳରେ ସାଇକେଲ ଚାଳକ ବିଲ କଡରେ ଥିବା ଗଛରେ ଆଘାତ ପାଇଥିଲେ। ଡ୍ରାଇଭର ଜଣକ ଅତ୍ୟଧିକ ମଦ୍ୟପାନ କରି ଗାଡିରୁ ବାହାରି ଖସିପାଉଥିଲା ବେଳେ ଓଲାସୁଣି ଗୁମ୍ଫାରୁ ଫେରୁଥିବା କିଛି ବ୍ୟକ୍ତି ମଦ୍ୟପ ଡ୍ରାଇଭରକୁ କାବୁ କରିଥିଲେ। ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିଲା ବେଳେ ସ୍ଥାନୀୟ ଲୋକେ ଆହାତଙ୍କୁ ମାହାଙ୍ଗା ଗୋଷ୍ଠୀ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ଅନ୍ନା ଦାସଙ୍କୁ ମୃତ ଘୋଷଣା କରିଥିଲେ। ଏବେ ଡ୍ରାଇଭର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## କେନ୍ଦ୍ରାପଡାର ଝିଅ ସ୍ମୃତିଶ୍ରୀଙ୍କୁ ଓଡିଶା ଗୌରବ ସମ୍ମାନ

କେନ୍ଦ୍ରାପଡ଼ା, ୧୧।୧:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନିଆଳ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତିଙ୍କ ଏକମାତ୍ର କନ୍ୟା +୩ ପ୍ରାଣୀବିଜ୍ଞାନ ସମ୍ମାନ ଶ୍ରେଣୀରେ ଅଧ୍ୟୟନରତ ସ୍ମୃତିଶ୍ରୀ ମହାନ୍ତି ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ଏଥିସହିତ ସେ ଜଣେ ଜାତୀୟ କଳାକାର ଓ ସମାଜସେବୀ ଭାବରେ ବିଭିନ୍ନ ଜନହିତକର କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। ଓ୍ୱାଲଡ ଚାରିଟି ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସ୍ମୃତିଶ୍ରୀଙ୍କୁ ବ୍ରହ୍ମପୁରସ୍ଥିତ ଗଞ୍ଜାମ କଳାପରିଷଦ ସମ୍ମିଳନୀ କକ୍ଷରେ ଓଡିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ସ୍ମୃତିଶ୍ରୀଙ୍କୁ ମାନପତ୍ର, ମୋମେଣ୍ଟୋ ଓ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏଭଳି ସମ୍ମାନ ପାଇବା ପରେ ତାଙ୍କୁ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବିଦ୍ୟାଳୟ ସମୂହର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୧୧।୧:(ମନ୍ଥନ) ମାହାଙ୍ଗା ବ୍ଲକ ଗୋପାଳପୁର ପଂଚାୟତର ଶ୍ରୀ ଶ୍ରୀ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ବଙ୍ଗିରାଜ ଗୋପାଳପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ଉଦ୍‌ଘାଟନ ପର୍ବ ଅବସରରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ସିଂହ ଉଦ୍‌ଘାଟକ ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଉଭୟ ବିଦ୍ୟାଳୟର ଛତ୍ରଛତ୍ରୀମାନଙ୍କୁ ଭଲ ପାଠପଢ଼ିବା ସହ ଭଲ ଖେଳି ବିଦ୍ୟାଳୟର ନାମ ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲିପ କୁମାର ରାଉତରାୟ ଓ ବୁବୁନ୍ କୁମାର ଦାସ, ବରିଷ୍ଠ ଶିକ୍ଷକ ବିଶ୍ୱଭୂଷଣ ପ୍ରଧାନ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଧିରେନ୍ଦ୍ର କୁମାର ପ୍ରଧାନ, ଅଚ୍ୟୁତପୁର କ୍ଲଷ୍ଟରର ସିଆର୍‌ସିସି ରୋଜାଲିନ୍ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା ସଂପର୍କରେ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ନାଥଶର୍ମା, ଅର୍ଚ୍ଚନା ଜେନା, ମିନତୀ ମାଝି, ମନ୍ଦାକିନୀ ଜାଲି, ଭାନୁମତି ସେଠୀ,ଅଜକିଆ ଜାଫର୍ ପରୱିନ୍, ଶିକ୍ଷକ ବିଭୂତିଭୂଷଣ ଶତପଥୀ, ଜ୍ୟୋତିରଂନ ନାଥଶର୍ମା ଯୋଗଦେଇଥିଲା ବେଳେ ଶେଷରେ ଶିକ୍ଷକ ସରୋଜକାନ୍ତ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ସମସ୍ତ ଛତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧନ୍ଦା ମୂଳକ ପ୍ରଶିକ୍ଷଣ ପ୍ରଦାନ

୧୧।୧:(ମନ୍ଥନ) ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶନ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧୂପକାଠି ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇ ହୋଇ ପାରିବେ ସେଥି ନିମିତ୍ତ ସଚେତନତା କରାଯାଇଥିଲା ଏବଂ ତତ୍ ସହିତ ନିଶା ନିବାରଣ ନିମନ୍ତେ ଉପସ୍ଥିତ ଅନ୍ତେବାସୀ ମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଲୋକ ରଥ, ଅଧୀକ୍ଷକ, ଜିଲ୍ଲା କାରାଗାର, ଭଦ୍ରକ ବିକାଶ ସେଠୀ, ପ୍ରଶିକ୍ଷକ କମଳା ମିଶ୍ର, ଜୟନ୍ତୀ ପଢିହାରି ବାବା ଧବଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀ, କାଦବରାଗ, ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶ ବର୍ଷରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ

ବଲାଙ୍ଗିର, ୧୧।୧:(ମନ୍ଥନ) ସାମାଜିକ ଅନୁଷ୍ଠାନ ବିଙ୍ଗହ୍ୟୁମନ ଫାଉଣ୍ଡେସନ ଆଜି ଦଶମ ବର୍ଷରେ ପଦାର୍ପଣ କରିଛି ସ୍ୱର୍ଗତ ଲଳିତ କୁମାର ନାୟକ ଙ୍କ ମାର୍ଗଦର୍ଶନ ରେ ୨୦୧୬ମସିହାରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ରକ୍ତଦାନ, ଶବସତ୍କାର, ପରିବେଶ ସୁରକ୍ଷା, ଚିକିତ୍ସାରେ ସହାୟତା, ବନ୍ୟାବାତ୍ୟା, ମୌଳିକ ନ୍ୟାୟ ଆଦିରେ ନିଃସ୍ୱାର୍ଥପର ସେବା ଯୋଗାଇଆସିଛି । ଆଜି ଦଶମ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନର ପୁରୋଧା ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ସ୍ମୃତିରେ ଆଜିଠୁ ଦୁଇ ଦିନ ଧରି ରକ୍ତଭଣ୍ଡାର ରେ ସ୍ୱେଚ୍ଛାକୃତ ରକ୍ତଦାନ ଆୟୋଜନ ହେଉଛି । ଆଜି ଜିଲ୍ଲାର କୋଣ ଅନୁକୋଣ ରେ ଥିବା ଅନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ଧାର୍ମିକ ପୀଠରେ ମଧ୍ୟ ପୂଜାର୍ଚ୍ଚନା ଦୀପ ଦାନ କାର୍ଯ୍ୟକ୍ରମ ରହିଛି । ବର୍ଷ ପୂର୍ତ୍ତି ଅବବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ସାଂସଦ, ବିଧାୟକ, ତଥା ସ୍ଥାନୀୟ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ, ପୌରାଧକ୍ଷା ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାରା ରାଜ୍ୟରୁ ଅନୁଷ୍ଠାନ କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଅନୁଷ୍ଠାନର ସଭାପତି ମୁକେଶ ପଧାନ, ସମ୍ପାଦକ ବୁଲୁ ମହାକୁର, ପ୍ରିୟା ମିଶ୍ର, ଶିବାନୀ ଜାଲ, ସ୍ୱପ୍ନ ସାହୁ, ସୁନୀତା ବେହେରା, ମନୋଜ ଖମାରୀ, ଅନୀଲ ନାଏକ, ସରୋଜ ଥାଟି,ଶୁଭ୍ରାନ୍ତ ନନ୍ଦ, ରଞ୍ଜିତ ପଧାନ, ଘନ ପଶାୟତ, ପଞ୍ଚା ପଟ୍ଟନାୟକ, ଅରୁଣ ନାଏକ, କନ୍ଦର୍ପ ରଣା, ସାହିଲ ସିଂ, ବବଲୁ ବରର୍ଷି, ବେଣୁଧର ମହାକୁର, ଆଲୋକ ନାଗ, କୁନାଲ ସରକାର, ବିଶ୍ୱଜିତ ପଟେଲ ସହ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବା ବେଳେ ଆସନ୍ତା ଫେବୃଆରୀ ମାସରେ ଅନୁଷ୍ଠାନ ର ଦଶମ ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳନ କରାଯିବ ବୋଲି ଅନୁଷ୍ଠାନ ର ପ୍ରତିଷ୍ଠାତା ସୋମନାଥ ମିଶ୍ର କହିଛନ୍ତି।

## ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚକେନ୍ଦ୍ରାପଡାର ମହାବନ୍ଧୁମିଳନ ଉତ୍ସବ

କେନ୍ଦ୍ରାପଡ଼ା, ୧୧।୧:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ନବବର୍ଷ ଉପଲକ୍ଷେ ଏକ ମହା ବନ୍ଧୁମିଳନ ଉତ୍ସବ ମଞ୍ଚର ପ୍ରତିଷ୍ଠାତା ସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମହାମିଳନର ଶୁଭ ଅବସରରେ ପ୍ରତ୍ୟେକଟି ସଦସ୍ୟ ସଦସ୍ୟା ପରସ୍ପରକୁ ଫୁଲ ଚନ୍ଦନ ମଣ୍ଡନ କରି କରମର୍ଦ୍ଦନ ପୂର୍ବକ ବନ୍ଧୁତ୍ୱର ସୁଖ ବାଣ୍ଟିବା ସହ ନବବର୍ଷକୁ ସ୍ୱାଗତ କରିଥିଲେ । ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଶିକ୍ଷାବିତ୍ ନରୋତ୍ତମ ଜେନା ଉପସ୍ଥିତ ସଦସ୍ୟ ମାନଙ୍କୁ ଶୁଭେଚ୍ଛା ଅଭିନନ୍ଦନ ସହ ସ୍ୱାଗତ ଜଣାଇ ନୂତନ ବର୍ଷ ପ୍ରାରମ୍ଭରେ ଏଭଳି ଏକ ପ୍ରାରମ୍ଭିକ ବନ୍ଧୁ ମିଳନ ତାତ୍ପର୍ଯ୍ୟ ଓ ଆବଶ୍ୟତା ଉପରେ ଆଲୋକପାତ କରିଥିଲେ। ଏଥିସହ ସାଙ୍ଗଠନିକ ଅଭିବୃଦ୍ଧି ଓ ଆଗାମୀ ବର୍ଷ ଉତ୍ସବ ପାଳନ ସଂପର୍କରେ ସୂଚନା ପ୍ରଦାନ କରି ଏଥିରେ ପୂର୍ଣ୍ଣ ସଫଳତା କାମନା କରିଥିଲେ । ସଭାପତି ଶ୍ରୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ବରିଷ୍ଠ ଉପଦେଷ୍ଟା ଡା. ବିଶ୍ୱ ପ୍ରକାଶ କାନୁଗୋ, ଡା. ରମାନାଥ ମହାନ୍ତି, ଡା. ନିରଞ୍ଜନ ପରିଡ଼ା, ଉପସଭାପତି ସୟଦ ଅକମଲ ଅଲ୍ଲୀ, ଉପସଭାପତି ପ୍ରହ୍ଲାଦ ମଲ୍ଲ, ପୂର୍ବତନ ପୌରାଧକ୍ଷ ମହମ୍ମଦ ଆକବର ଅଲ୍ଲୀ, ପ୍ରାକ୍ତନ ଅଧକ୍ଷ ଡ. ଉପେନ୍ଦ୍ର କୁମାର ପ୍ରଧାନ, ଉପଦେଷ୍ଟା ନିତ୍ୟାନନ୍ଦ ସୁତାର, ଅଦ୍ୱୈତ କୁମାର ଦାସ, ଯୁଗ୍ମ ସଂପାଦକ ଅକ୍ଷୟ କୁମାର ନାୟକ, ଅର୍ଥ ସମ୍ପାଦକ ରବିନ୍ଦ୍ର ନାଥ ବାରିକ,



ଜଗମୋହନ ହୋତା, ପ୍ରାଧ୍ୟାପକ ଗଗନ ବିହାରୀ ସ୍ୱାଇଁ, ମନୋଜ କୁମାର ମହାନ୍ତି ପ୍ରଭୃତି ବରିଷ୍ଠ ବ୍ୟକ୍ତିମାନେ ନିୟମିତ ଭାବେ ଧ୍ୟାନ, ଯୋଗ, ପ୍ରାଣାୟମ, ସରଳ ବ୍ୟାୟାମ, ପ୍ରାତଃ ଭ୍ରମଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରି ଶରୀରକୁ ସୁସ୍ଥ ରଖିବାକୁ ପରାମର୍ଶ ଦେବା ସହ ନିଜେ ହସି ଅନ୍ୟକୁ ସୁଖ ଶାନ୍ତିରେ ରହିବାର ତତ୍ତ୍ୱ ଭିତ୍ତିକ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଗନ ବିହାରୀ ମିନ୍ତ୍ରୀ, ପରମାନନ୍ଦ ସେଠୀ, ବୈଷ୍ଣବ ଚରଣ ପ୍ରଧାନ, ବସନ୍ତ କୁମାର ଓଝା, କିଶୋର ଚନ୍ଦ୍ର ପରିଡା, ମନୋଜ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ହରପ୍ରସାଦ ପତି, ମିନାକ୍ଷୀ ପତି, ଧିରେନ୍ଦ୍ର କୁମାର ରଥ, ପ୍ରଦ୍ୟୁମ୍ନ କୁମାର ବେହୁରା, ରାଜେନ୍ଦ୍ର କୁମାର ସ୍ୱାଇଁ, ଗୁରୁଚରଣ ବାରିକ, ବିଜୟ କୁମାର ସ୍ୱାଇଁ, ତ୍ରୈଲୋକ୍ୟ ଚରଣ ମହାନ୍ତି, କୃଷ୍ଣ ଚରଣ ପତି, ଗୋଲଖ ଚନ୍ଦ୍ର ପରିଡା, ନରେନ୍ଦ୍ର କୁମାର ନାୟକ, ପବିତ୍ର ମୋହନ ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଆସନ୍ତା ଜାନୁୟାରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ କାର୍ଯ୍ୟାଳୟରେ ସକାଳ ୯ଟା ୨୦ମିନିଟ ସୁଧା ପହଞ୍ଚିବା ପାଇଁ ପରାମର୍ଶ ଦିଆଗଲା । ବରିଷ୍ଠ ସଭ୍ୟ ମୁଖ୍ୟ ସଂଯୋଜକ ଶୈଳେନ୍ଦ୍ର ନାଥ ମହାନ୍ତି ଓ ବସନ୍ତ କୁମାର ଓଝା ମଞ୍ଚ ପରିଚାଳନା ସହ ସଂଯୋଜନା କରିଥିଲେ । ପ୍ରସନ୍ନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ପିପିଲି, ୧୧।୧:(ମନ୍ଥନ)ପିପିଲି ଅନ୍ତର୍ଗତ ଗୋବିନ୍ଦପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟର ଶିଶୁ ଉଦ୍ୟାନ ଉଦଘାଟନ ଓ ବାର୍ଷିକ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଅଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର ଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁ ମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ପିତା ମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ କ୍ଷ ସେହିପରି ପିପିଲି ଏବିଇଓ ଶରତ ଚନ୍ଦ୍ର ଚଉଁରୀ ମୁଖ୍ୟ ବକ୍ତା, ଗୋବିନ୍ଦପୁର ହାଇସ୍କୁଲ ର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ଜେନା,ନୀଳକଣ୍ଠ ନୋଡାଲ ସ୍କୁଲ ର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି ସି ଆର ସି ସୁନିତା ନାୟକ, ସମିତି ସଭ୍ୟା କବିତା ଖଟେଇ ସ୍ଥାନୀୟ ବୁଦ୍ଧିଜୀବୀ ତ୍ରିଲୋଚନ ନାୟକ, ସୋମନାଥ ନାୟକ, ଶିକ୍ଷକ ଚିନ୍ତାମଣି ଓଝା, ସନ୍ତୋଷ କୁମାର ନାୟକ ବିଦ୍ୟାଳୟ ର ସଭାପତି ବିଚିତ୍ରା ନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ସଭା ମଞ୍ଚରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା । ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଉମେଶ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପିଲା ମାନଙ୍କ ଦ୍ୱାରା ସୁନ୍ଦର ସୁନ୍ଦର ସଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରା ଯାଇଥିଲା ।



# ବିଧାୟକ କେଅନିଲ କୁମାରଙ୍କ ଦ୍ୱାରା ୧୩ତମ ମହାନଗର ମହୋତ୍ସବ ଉଦଘାଟିତ

ବ୍ରହ୍ମପୁର,**୧୧।୧:(ମନ୍ଥନ)**ସ୍ଥାନୀୟ ପୁରୁଣା ବସ୍ ଷ୍ଟାଣ୍ଡ ରୋଡ଼ ସ୍ଥିତ ଚର୍ଚ୍ଚା ପଡିଆ ଠାରେ ଶୁକ୍ରବାର ସନ୍ଧ୍ୟାରେ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ତମ ବ୍ରହ୍ମପୁର ମହାନଗର ମହୋତ୍ସବ ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସକୁ ଉଦଘାଟନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିକ୍ଷାବିତ ତଥା ଅଧକ୍ଷ କାଳୀ ଚରଣ ସାହୁ, କମିଟି ସଭାପତି ଗୋପାଳ ପଟ୍ଟନାୟକ, ଆବାହକ ଇଂ ଉମା ଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପ ସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ, ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ, ପାଣିଗ୍ରାହୀ, ଆଇନ ପରାମର୍ଶଦାତା ଅରୁଣ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ସୁଦିପ ସାହୁ,



ମିଡ଼ିଆ। ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡ଼ା, ରୁଦ୍ର ନାରାୟଣ ନାୟକ, ବରିଷ୍ଠ ସାମ୍ବାଦିକ କ୍ଷୀରସିନ୍ଧୁ ମହାନ୍ତି, ଗୋକୁଳ ନନ୍ଦ ତ୍ରିପାଠୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ପ୍ରମୁଖ ମଞ୍ଚାସୀନ ଥିଲେ । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଓଡ୍ର ସାହିତ୍ୟ ସଂସଦ ପକ୍ଷରୁ ଅଞ୍ଚଳର ୩୦ଜଣ କବି ଓ କାବ୍ୟୟତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ ହୋଇଥିବା ବେଳେ, କବିତା ଆସର ଶେଷରେ ସମସ୍ତ କବି ଓ କାବ୍ୟୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସଭାକାର୍ଯ୍ୟ ଶେଷରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା, ଯେଉଁଥିରେ ସମୁଦାୟ ୧୭ଟି ଦଳ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ ।ଏହାସହ ଓଡିଶା ରାଜ୍ୟ ସାଂସ୍କୃତି ବିଭାଗର ଶ୍ରୀ ଚୈତନ୍ୟ ମାଧୁରୀ ସାଂସ୍କୃତିକ କଳା ପରିଷଦ, ଆରଡ଼, ନୟାଗଡ଼ର କଳାକାର ମାନେ ଘଣ୍ଟ ମୃଦଙ୍ଗ କଳା ପରିବେଷଣ କରିଥିଲେ । ଏହି ଅବସରରେ ସମସ୍ତ କଳାକାରଙ୍କୁ ମାନ୍ୟବର ବିଧାୟକ କେ. ଅନିଲ କୁମାର ମଞ୍ଚରେ ପୁରସ୍କୃତ କରିଥିଲେ । ଉଦଘାଟନୀ ଉତ୍ସବର ଦ୍ୱିତୀୟ ରାଜନୀର କାର୍ଯକ୍ରମକୁ କାର୍ତ୍ତିକ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିବା ବେଳେ, ସାଗରୀକା ଆର୍ଯ୍ୟ ଓ କେ.ଶିବ କୁମାର ପରିଚାଳନା କରିଥିଲେ । ତେବେ ଆୟୋଜିତ ଏହି ମହୋତ୍ସବରେ ୧୨୦ରୁ ଅଧିକ ଷ୍ଟଲ ନିର୍ମିତ ହୋଇଥିବା ବେଳେ, ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାର ହସ୍ତଶିଳ୍ପ କୁଟୀରଶିଳ୍ପ କାରୁକାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନୀ ସମେତ ବିକ୍ରୟ ବ୍ୟବସ୍ଥା ସହିତ ଭଉଣୀ ମାନଙ୍କ ବିଭିନ୍ନ ଘରକରଣା ସାମଗ୍ରୀର ବିକ୍ରୟ ବ୍ୟବସ୍ଥା କରାଯାଇଛି ।

# ଗାଣ୍ଡୁ ନାହାକ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଗଞ୍ଜାମ,**୧୧।୧:(ମନ୍ଥନ)**ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ଗ୍ରାମପଞ୍ଚାୟତସ୍ଥ ଗାଣ୍ଡୁ ନାହାକ ହାଇସ୍କୁଲରେ ପ୍ରତିଷ୍ଠାତା ସ୍ୱର୍ଗତ ଗାଣ୍ଡୁ ନାହାକଙ୍କ ୨୬ ତମ ଶ୍ରାଦ୍ଧ ବାର୍ଷିକୀ ତଥା ହାଇସ୍କୁଲର ୩୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଝାଡେଶ୍ୱର ପଲାଇ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ଇରୋ କିଡ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ଦ୍ଦେଶକ ଶ୍ରୀ ପ୍ରମୋଦ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଶିକ୍ଷାବିତ ଶ୍ରୀ ବିଜୟ କୁମାର ବିଶ୍ୱାଳ,ଶ୍ରୀ ବାଳକୃଷ୍ଣ ମହାରଣା,ଶ୍ରୀ ଗୋଲକ ଚନ୍ଦ୍ର ପଲାଇ , ସ୍ଥାନୀୟ ସରପଞ୍ଚ ଶ୍ରୀ ସିଦ୍ଧେଶ୍ୱର ନାହାକ,ସମିତି ସଭ୍ୟ ଶ୍ରୀ ଅନୁକୂଳ ଚନ୍ଦ୍ର ନାହାକ ,ଶିକ୍ଷକ ଶ୍ରୀ ପ୍ରକାଶ ଚନ୍ଦ୍ର ନାହାକ, ଅନୁଷ୍ଠାନର ସଭାପତି ଇନ୍ଦ୍ରମଣି ନାହାକ, ସୁଧିର ନାହାକ, ପୂର୍ବତନ ସରପଞ୍ଚ ତୋଫାନ ନାହାକ, ଦେବେଶ ନାହାକ ପ୍ରମୁଖ ଯୋଗ ଦେଇ ଗାଣ୍ଡୁ ନାହାକଙ୍କ ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ଶିକ୍ଷାର ବିକାଶ ଦିଗରେ ତାଙ୍କର ଭୂମିକାକୁ ଭୁରି ଭୁରି ପ୍ରଶଂସା କରିଥିଲେୟ ଏତଦ୍ ବ୍ୟତୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମୀ ,ସମୟାନୁବର୍ତ୍ତୀ, ନିୟମାନୁବର୍ତ୍ତୀ,ପିତାମାତା ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ପ୍ରଦାନ ପୂର୍ବକ ଜଣେ ସଚ୍ଚା ଦେଶପ୍ରେମୀ ଭାବେ ନିଜକୁ ଗଢି ତୋଳିବା ପାଇଁ ତ୍ୟାଗ, ତିତୀକ୍ଷା, ପରୋପକାରିତା , ସାଧୁତା, ସଦାଚାର ପ୍ରତି ସର୍ବଦା ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ନାହକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭାର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରଯାଇଥିଲା। ସଭା କାର୍ଯ୍ୟ ଅବ୍ୟବହିତ ପୂର୍ବରୁ ବିଭିନ୍ନ ବିଭାଗରୁ କରାଯାଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା ।ଏହି ସଭାରେ ଶିକ୍ଷକ ଶ୍ରୀ ଶେଷଦେବ ବେହେରା ସଂଯୋଜନା କରିଥିଲା ବେଳେ ଗାଣ୍ଡୁ ନାହାକଙ୍କ ପୌତ୍ର (ନାତି) ଶ୍ରୀ ଚିତ୍ତରଞ୍ଜନ ନାହାକ ମୁଖ୍ୟ ପରିଚାଳକ ଭାବେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ବିରଞ୍ଚି ନାହାକ,ରମେଶ ଚନ୍ଦ୍ର ସାହୁ, ସଞ୍ଜୀବ ନାହାକ, ବିନାୟକ ମାନସିଂ, ଶୋଭାଗିନୀ ବଳବନ୍ତ ରାୟ,ପ୍ରଦୀପ ବେହେରା ,ସୁରେଶ ନାହାକ,ପ୍ରମୋଦ ନାହାକ, ମୋଚିରାମ ବେହେରା, ସିମାଞ୍ଚଳ ନାହାକ ସହଯୋଗ କରିଥିଲେ ।

# ଅନ୍ତରପଡା ପ୍ରାଥମିକ ବିଦ୍ୟାଳୟର ୧୨୦ତମ ବାର୍ଷିକୋତ୍ସବ

ବୁଗୁଡା,**୧୧।୧:(ମନ୍ଥନ)**ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଅନ୍ତରପଡା ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୨୦ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଏସ୍ଏମସି ସଭାନେତ୍ରୀ ରଞ୍ଜୁଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ପ୍ରମୋଦ ଚନ୍ଦ୍ର ସେନାପତି , ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ



ଶିକ୍ଷକ କାମରାଜୁ ସାହାଣୀ , ସମ୍ମାନିତ ଅତିଥି ଭାବେ ସିଆରସିସି ଶର୍ମିଷ୍ଠା ଜେନା ଓ ସରପଞ୍ଚ ବସନ୍ତ ଶତପଥୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବ ପରିଚାଳନାରେ ସ୍କୁଲର ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାରୀରିକ ସୁସ୍ଥତା ପାଇଁ ଖେଳ ଜରୁରୀ - ବସନ୍ତ ବିଶ୍ୱାଳ

ପାରାଦୀପ,**୧୧।୧:(ମନ୍ଥନ)**ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସାଂସଦ ଖେଳ ମହୋତ୍ସବ ୨୦୨୬ ଜାନୁଆରୀ ୯ ତାରିଖ ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି । ଏହି ମହୋତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ ଓ ଭଲିବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୭ ଗୋଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ଖେଳ ମହୋତ୍ସବର ଉଦଘାଟନୀ ଉତ୍ସବରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିବାସହ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଖେଳ ଜରୁରୀ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ ଓ ସାଂସଦଙ୍କ ପ୍ରତିନିଧି ଗୌତମ ନାୟକ ଯୋଗ ଦେଇ ସରକାର ଖେଳ ଓ ଖେଳାଳି ମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ସୃଷ୍ଟି କରିଛନ୍ତି ସେଥିପାଇଁ ଖେଳ ପ୍ରତି ପିଲାମାନେ ରୁଚି ରଖିବାକୁ ଆହ୍ୱାନ ଦେଇଥିଲେ ଅନ୍ୟ ମାନଙ୍କ ମଧ୍ୟରେ ଗୋପବନ୍ଧୁ କ୍ରୀଡା ସଂସଦ ର ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଗୋପବନ୍ଧୁ କ୍ରୀଡା ସଂସଦ ର ସଦସ୍ୟ ବିପ୍ଲବ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଜଗତସିଂହପୁର ସଂସଦୀୟ ଏହି ସମସ୍ତ କ୍ରୀଡ଼ାକୁ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ସଂଯୋଜନା କରୁଥିବା ବେଳେ ଏହି ଖେଳକୁ କାଳନ୍ଦୀ ଚରଣ ନାଥ, ଭାଗବତ



ବେହେରା, ସଞ୍ଜିତ ଜେନା, ରାଜ କିଶୋର ମଣ୍ଡଳ ସଫଳତାର ସହ ପରିଚାଳନା କରିଥିଲେ । ଶେଷରେ କୁଜଙ୍ଗ କ୍ଲବର କ୍ରୀଡା ସମ୍ପାଦକ ରଶ୍ମି କାନ୍ତ ଦାସ ସମସ୍ତ ଅତିଥି ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

କୁକୁଡାଖଣ୍ଡି,**୧୧।୧:(ମନ୍ଥନ)**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୁସୁମିରେ ଶୁକ୍ରବାର ଦିନ ୧୦ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ସୁସଂଗଠିତ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷାରେ କୁକୁଡ଼ାଖଣ୍ଡି ବ୍ଲକରୁ ଆବେଦନ କରିଥିବା ୩୨୯ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୩୧୪ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି । କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ ମହାପାତ୍ର -ପରୀକ୍ଷା କେନ୍ଦ୍ର ପର୍ଯ୍ୟବେକ୍ଷକ ଓ ବିଦ୍ୟାଳୟର ଅଧକ୍ଷ ସୁଦର୍ଶନ ସେଠୀ- ପରୀକ୍ଷା କେନ୍ଦ୍ର ପରିଚାଳକଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସହଯୋଗରେ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳା, ସୁରକ୍ଷା ଓ ପରୀକ୍ଷା ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା । ଶିକ୍ଷକ ଓ କର୍ମଚାରୀମାନେ ନିଜ ନିଜ ଦାୟିତ୍ୱ ସଠିକ ଭାବେ ପାଳନ କରିଥିଲେ । ପ୍ରବେଶିକା ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀମାନେ ଆଗାମୀ ଶିକ୍ଷାବର୍ଷ ୨୦୨୬-୨୭ ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୁସୁମିରେ ପ୍ରବେଶ କରିବାର ସୁଯୋଗ ପାଇବେ ଏହି ଆଶା ରଖି ଅଭିଭାବକମାନେ ପରୀକ୍ଷା ବ୍ୟବସ୍ଥା ପ୍ରତି ସନ୍ତୋଷ ପ୍ରକାଶ କରିଛନ୍ତି ।

# ୩ ଜଣିଆ ଗ୍ୟାଙ୍ଗକୁ କାବୁ କଲା ନିମଖଣ୍ଡି ପୁଲିସ

## ୧୮୨ ଗ୍ରାମ ସୁନା ଅଳଙ୍କାର, ୮ ଲକ୍ଷ ୫୦ ହଜାର ଜବତ

କୁକୁଡାଖଣ୍ଡି,**୧୧।୧:(ମନ୍ଥନ)**ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚପଡା କୋଣାର୍କନଗର ଦ୍ୱିତୀୟ ଲାଇନର ଏକ ତାଲା ବନ୍ଦ ଘରୁ ଚୋରି ଘଟଣାରେ ପୁଲିସ ୩ ଜଣିଆ। ଚୋର ଗ୍ୟାଙ୍ଗକୁ ଗିରଫ କରିଛି । ସେମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଲକ୍ଷ୍ମୀନଗରର ଚିଣ୍ଟୁ ସେଠୀ(୨୮), ବଡବଜାର ଲକ୍ଷ୍ମୀବିହାର ପ୍ରଥମ ଲାଇନର ଦୀପକ କୁମାର ପଟ୍ଟନାୟକ ଓରଫ ଶିବ(୩୩), ବୈଦ୍ୟନାଥପୁର ଥାନା ଚନ୍ଦ୍ରମାପେଟା ସାହିର ଆକାଶ କୁମାର ବେହେରା(୩୨) । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ନଗଦ ୮ ଲକ୍ଷ ୫୦ ହଜାର ଟଙ୍କା, ୧୮୨ ଗ୍ରାମର ସୁନା ଅଳଙ୍କାର, ୨୯୬ ଗ୍ରାମର ରୂପା ଅଳଙ୍କାର, କଟର ମେସିନ, ଲୁହା ରଡ, ବ୍ୟାଗ ଓ ଗୋଟିଏ ସ୍କୁଟି ଜବତ କରିଛି । ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ସୂଚନାଥାଉକି, କୋଣାର୍କନଗର ଦ୍ୱିତୀୟ ଲାଇନରେ ରହୁଥିବା ଠିକାଦାର ସୀମାଞ୍ଚଳ ପାତ୍ର ଓ ତାଙ୍କ ପରିବାର ଲୋକେ ଡିସେମ୍ବର ଶେଷ ସପ୍ତାହରେ କୌଣସି ବାହାରକୁ ଚାଲି ଯାଇଥିଲେ । ୨୮ ତାରିଖ ବିଳମ୍ବିତ ରାତିରେ ସୀମାଞ୍ଚଳ ପାତ୍ରଙ୍କ ତାଲା ବନ୍ଦ ଘରୁ ବଡ ଧରଣର ଚୋରି ହୋଇଥିଲା ।' ପରଦିନ ସକାଳୁ ଘରର ତାଲା ଭଙ୍ଗାଯାଇଥିବା ନେଇ ପଡୋଶୀ ଲୋକେ ସୀମାଞ୍ଚଳଙ୍କୁ ଫୋନ କରି ଜଣାଇଥିଲେ । ଏହା ଶୁଣି ସୀମାଞ୍ଚଳ ତାଙ୍କ ସମ୍ପର୍କୀୟ ରାଜେଶ ପଣ୍ଡାଙ୍କୁ କୋଣାର୍କନଗର ୨ୟ ଲାଇନ ସ୍ଥିତ ଘରକୁ ଯାଇ ଯାଞ୍ଚ କରିବାକୁ କହିଥିଲେ । ଯାଞ୍ଚ ପରେ ଘର ଭିତରେ ଥିବା ଆଲମୀରାର ତାଲା ଭଙ୍ଗା ଯାଇ ନଗଦ ସାଢେ ୮ ଲକ୍ଷରୁ ଅଧିକ ଟଙ୍କା ସମେତ ୩୦୦ ଗ୍ରାମ ସୁନା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା । ରାଜେଶଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ ୪୦୦/୨୫ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଉପରୋକ୍ତ ୩ ଅଭିଯୁକ୍ତ ସୀମାଞ୍ଚଳଙ୍କ ଘରୁ ଚୋରି କରିଥିବା ଜଣାପଡିଥିଲା । ପୁଲିସ ପ୍ରଥମେ ଅଭିଯୁକ୍ତ ଚିଣ୍ଟୁଙ୍କୁ କାବୁ କରିବା ପରେ ଅଭିଯୁକ୍ତ ଦୀପକ ଓ ଆକାଶଙ୍କୁ କାବୁ କରି ସେମାନଙ୍କ ଘରେ ଚଢଉ କରି ଉପରୋକ୍ତ ଟଙ୍କା ଓ ସାମଗ୍ରୀ ଜବତ କରିଥିଲା । ଅଭିଯୁକ୍ତମାନେ ରାତିରେ ସହରର ବିଭିନ୍ନ ଅଞ୍ଚଳ ବୁଲିବା ପରେ ତାଲା ପଡ଼ିଥିବା ଘରକୁ ଟାର୍ଗେଟ କରୁଥିଲେ ବୋଲି ପୁଲିସ କହିଛି ।

# ହେରୋଇନ୍ ଜବତ, ଗିରଫ ହେଲେ ନିଶାମାଫିଆ

**୧୧।୧:(ମନ୍ଥନ)**ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ୱେଶାଲ ଡ୍ରାଇଭ ଚାଲିଥିବା ବେଳେ ପାରାଦୀପ ପୌରାଞ୍ଚଳସ୍ଥିତ ଇଫକୋ ଅଞ୍ଚଳରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନାୟଯାଞ୍ଚ ପରେ ତାଙ୍କ ପାଖରୁ ୭୮ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ମୂଷାଡିଆର ବ୍ରଜେନ ମଣ୍ଡଳ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ନିରିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲାୟ ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ବ୍ରଜେନ ମଣ୍ଡଳୟ ଜବତ ହେରୋଇନ୍ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୭,୮୦,୦୦୦ ଟଙ୍କା ହେବ ।ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜ୍ କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

# କୁଚିଣ୍ଡା ରେ ସିପିଆର ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

କୁଚିଣ୍ଡା,**୧୧।୧:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମାରୁୱାଡି ଯୁବା ମଞ୍ଚ କୁଚିଣ୍ଡା ଜାଗୃତି ଶାଖା ପକ୍ଷରୁ ସିପିଆର ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାଗୃତି ଶାଖା ସଭାନେତ୍ରୀ ଆରତୀ ଅଗ୍ରୱାଲ ଙ୍କ ତ୍ୱାବଧାନରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି ଯୋଗଦେଇଥିବା ବେଳେ, ସମ୍ମାନିତ ଭାବେ ଅବସରପ୍ରାପ୍ତ ଜିଟିଓ ଟେଲିଫୋନ ଏକ୍ସଚେଞ୍ଜ ଅଧିକାରୀ ଝାରସୁଗୁଡ଼ା ଫକିର ବେହେରା,କୁଚିଣ୍ଡା କଲେଜ ଭାରପ୍ରାପ୍ତ ଅଧକ୍ଷ ସୁମନ୍ତ ପଟେଲ,ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ତଥା ଶିକ୍ଷା ବିଭାଗ ଅଧାପିକା ବେଲମତି କୁମୁରା ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହିଥିଲେ ।

# ସ୍ୱର୍ଶ କୃଷ୍ଠ ସଚେତନତା ପାଇଁ ସମନ୍ୱୟ କମିଟି ବୈଠକ

ଅନୁଗୋଳ,**୧୧।୧:(ମନ୍ଥନ)**୩୦.୦୧.୨୦୨୬ ରିଖ ଠାରୁ ତା ୧୩.୦୨.୨୦୨୬ ରିଖମଧ୍ୟରେ ହେବାକୁ ଥିବା ସ୍ୱର୍ଶ କୃଷ୍ଠ ସଚେତନତା ପାଇଁ ସମନ୍ୱୟ ଅଭିଯାନ ଉପଲକ୍ଷେ ଅନୁଗୋଳଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀଅବଦାଲ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗ ଦେଇଥିଲେ । ଏହି ଅଭିଯାନ ମହାତ୍ମାଗାନ୍ଧିଙ୍କ ତିରୋଧାନ ଦିବସ ଜାନୁୟାରୀ ୩୦ ତାରିଖ ଠାରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତଗାଁ କଲ୍ୟାଣ ସମିତି, ପଞ୍ଚାୟତ, ବିଦ୍ୟାଳୟ, ତଥା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କୃଷ୍ଠ ରୋଗନିରାକରଣ ସମ୍ପର୍କିତ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । କେନ୍ଦ୍ରିୟକୁଷ୍ଠ ରୋଗ ବିଭାଗ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩୨୭ ଅନୁଯାୟୀ ୨୦୨୭ ସୁଦ୍ଧାକୁଷ୍ଠ ମୁକ୍ତ ଭାରତ ଗଠନ ଲକ୍ଷ୍ୟ ରଖାଯାଇଛି । ପ୍ରକାଶଥାଉକି, ୨୦୨୪-୨୫ ଆର୍ଥିକ ବର୍ଷରେ୨୫୪ ଜଣ ନୂତନ କୁଷ୍ଠରୋଗୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ଡିସେମ୍ବର-୨୦୨୫ଶେଷ ସୁଦ୍ଧା ୧୯୪ ଜଣ ନୂତନ କୃଷ୍ଠରୋଗୀ ଚିହ୍ନଟ ନିଶ୍ଚିତ ହୋଇସାରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ ବୈଠକ ପରିଚାଳନା କରିଥିବାବେଳେ ଜିଲ୍ଲାକୁଷ୍ଠ ରୋଗ ଅଧିକାରୀ ଡା..ଅନ୍ତର୍ଯ୍ୟାମୀ ମିଶ୍ର ଓ ଶ୍ରୀ ସୂର୍ଯ୍ୟ ନାରାୟଣ ଦତ୍ତ ଏହି ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଉପସ୍ଥାପନା କରିଥିଲେ ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣିଙ୍କ ସମେତବିଭିନ୍ନ ବିଭାଗୀୟ ଅଧିକାରୀ ଓ ଡାକ୍ତରମାନେ ଉପସ୍ଥିତ ଥିଲେ ।

# ପ୍ରାକ୍ତନ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷ ରେବତୀ ମୋହନ ନାୟକଙ୍କ ଦେହାନ୍ତ

ବୁଗୁଡା,**୧୧।୧:(ମନ୍ଥନ)**ଗଞ୍ଜାମ ଜିଲ୍ଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ରେବତୀ ମୋହନ ନାୟକ(୮୮)ଙ୍କ ଦେହାନ୍ତରେ ବୁଗୁଡା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ସେ ଦୀର୍ଘଦିନ ହେଲା ଶାରୀରିକ ଅସୁସ୍ଥତା ଅନୁଭବ କରିଆସୁଥିଲା ବେଳେ ଆଜି ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟରେ ବ୍ରହ୍ମପୁରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ କିଛି ବର୍ଷ ଶିକ୍ଷକତା କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କଠାରୁ ନବୀନ ପଟ୍ଟନାୟକଙ୍କ ଶାସନ ପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ରହିଥିଲେ ।ସେ ତାଙ୍କର ଜୀବନକାଳ ମଧ୍ୟରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷ ସମେତ ବୁଗୁଡା ପଞ୍ଚାୟତ ସମିତିର ତିନି ଥର ଅଧ୍ୟକ୍ଷ, ଓସ୍କାର୍ଡ ବ୍ୟାଙ୍କ ଅଧ୍ୟକ୍ଷ, ଭଞ୍ଜନଗର ଆରସିଏମସି ଚେୟାରମ୍ୟାନ, ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପଦବୀରେ ରହିଥିଲେ ।

# ମର୍ଦ୍ଧରାଜ ମହୋତ୍ସବ ପାଳନ ନେଇ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବ୍ରହ୍ମପୁର, **୧୧।୧:(ମନ୍ଥନ)**ସ୍ଥାନୀୟ ଟାଟା ବେଞ୍ଚ ଛକ ସ୍ଥିତ କେ. ସି. ପବ୍ଲିକ୍ ସ୍କୁଲ ପରିସରରେ ଖଲ୍ଲିକୋଟ କଲେଜିଏଟ୍ ଟ୍ରଷ୍ଟ ପରିଚାଳନା ସମିତି ଓ ମର୍ଦ୍ଧରାଜ ମହୋତ୍ସବ ପରିଚାଳନା ସମିତି ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା । ଖଲ୍ଲିକୋଟ କଲେଜିଏଟ୍ ଟ୍ରଷ୍ଟ ପରିଚାଳନା ସମିତି ଏବଂ ଖଲ୍ଲିକୋଟ ମର୍ଦ୍ଧରାଜ ସାଂସ୍କୃତିକ ପରିଷଦ ସଭାପତି ଡ଼ା. ସାକ୍ରେ ରାମା ରାଓଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ସମ୍ମିଳନୀରେ କଲେଜିଏଟ୍ ଟ୍ରଷ୍ଟ ପରିଚାଳନା ସମିତି ଉପ ସଭାପତି ପ୍ରକାଶ ଚନ୍ଦ୍ର ମିଶ୍ର, କେ.ସି. ପବ୍ଲିକ୍ ସ୍କୁଲ ଅଧକ୍ଷ ଅଶୋକ କୁମାର ମିଶ୍ର, ସଦସ୍ୟ ପ୍ରକାଶ ପଟ୍ଟନାୟକ ଏବଂ ସୁନିଲ ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଛନ୍ତି ଯେ, ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଧରାଜ ଦେଓଙ୍କ ୧୨୬ତମ ଜନ୍ମ ବାର୍ଷିକୀ ଅବସରରେ ମର୍ଦ୍ଧରାଜ ମହୋତ୍ସବ ପାଳନ କରାଯିବ୍ୟ ଚଳିତ ମାସ ଆସନ୍ତା ୧୨ ତାରିଖରେ ସ୍ଥାନୀୟ ଟାଟା ବେଞ୍ଚ ଛକ ସ୍ଥିତ କେ. ସି. ପବ୍ଲିକ୍ ସ୍କୁଲ ପରିସରରେ ଏହି ମହୋତ୍ସବ ପାଳନ ହେବାକୁ ଥିବା ବେଳେ, ଏଥିରେ ବହୁମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ଯୋଗଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତିବୋଲିକହିଥିଲେ । ତେବେ ତିନିଦିନ ବ୍ୟାପି ଉକ୍ତ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନ ଅର୍ଥାତ୍ ପ୍ରଥମ ଦିନ ୧୧ ତାରିଖରେ ଖଲ୍ଲିକୋଟ ଠାରେ ଅନୁଷ୍ଠିତ ହେବାକୁଥିବା ବେଳେ, ସେହିପରି ଗୋଟିଏ ବ୍ରହ୍ମପୁରରେ ଏବଂ ଉଦଯାପନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି । ବ୍ରହ୍ମପୁରରେ ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବରେ ସ୍ୱତନ୍ତ୍ର ରୂପେ ବରିଷ୍ଠ ଅସ୍ଥି ଶଲ୍ୟ ବିଶେଷଜ୍ଞ ଓ ସମାଜସେବୀ ପଦ୍ମଶ୍ରୀ ଡ଼ା. କୃଷ୍ଣ ମୋହନ ପାଠୀ ଏବଂ ଅବସର ପ୍ରାପ୍ତ ଓ.ପ୍ର.ସେ. ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବାର ନିର୍ଣ୍ଣୟ ରହିଥିବା କୁହାଯାଇଛି ।

# ଜିଲ୍ଲା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା,**୧୧।୧:(ମନ୍ଥନ)**କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ମନରେଗା ବଞ୍ଚାଅ ସଂଗ୍ରାମକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଆଇନଜୀବୀ ଲଲାଟେନ୍ଦୁ ଦାସ ଯୋଗଦେଇ କହିଲେ କାମର ଅଧିକାର ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ଦେଶବ୍ୟାପି ଏମଜିଏନଆରଇଜିଏସ ବଞ୍ଚାଅ ସଂଗ୍ରାମ ଆରମ୍ଭ ହୋଇଛି। ଗତ ୨୦୦୫ମସିହାରେ ୟୁପିଏ ସରକାର ଦ୍ୱାରା ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଆଇନ(ଏମଜିଏନଆରଇଜିଏ) ଏକ ଅଧିକାର ଆଧାରିତ ଆଇନ। ଯାହା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ମଜୁରୀ ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଛି। ଏହି ଦାବି କରିବାର ୧୫ ଦିନ ମଧ୍ୟରେ ରୋଜଗାର ଯୋଗାଇଦେବା ରାଜ୍ୟର ଆଇନଗତ କର୍ତ୍ତବ୍ୟ। ତାହା ବିଫଳ ହେଲେ ବେରୋଜଗାର ଭତ୍ତା ଦେବାକୁ ପଡିଥାଏ। ଏହି ଆଇନଗତ ଅଧିକାର ହେଉଛି ଏମଜିଏନଆରଇଜିଏର ମୂଳ ପରିଚୟ। ଏମଜିଏନଆରଇଜିଏ ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର ଭାବେ ପ୍ରତିବର୍ଷ ୫-୬ କୋଟି ପରିବାରକୁ ରୋଜଗାର ଯୋଗାଇଆସୁଛି। ଦୁଃଖଦ୍ ଦାଦନ (ଡିଷ୍ଟ୍ରେସ ମାଇଗ୍ରେସନ) କମାଇଛି, ଗ୍ରାମୀଣ ମଜୁରୀ ବଢ଼ାଇଛି ଏବଂ ସମାଜିକ ଜୀବନରେ ରୋଜଗାରକୁ ଦୀର୍ଘସ୍ଥାୟୀ କରିଛି। ଏହାର ଚାହିଦା ଭିତ୍ତିକ ରୂପରେଖ, ନିଶ୍ଚିତ ମଜୁରୀ ଓ ଶ୍ରମିକମାନଙ୍କ ମଜୁରୀ ସିଧାସଳଖ



ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା, ବିଶେଷକରି ମହିଳା, ଦଳିତ, ଆଦିବାସୀ ଓ ପ୍ରାନ୍ତବର୍ତ୍ତୀ ସମୁଦାୟକୁ ଲାଭାନ୍ୱିତ କରିଛି। ସମୁଦାୟ କାର୍ଯ୍ୟଦିନର ପ୍ରାୟ ୬୦ପ୍ରତିଶତ ହେଉଛି ମହିଳାମାନଙ୍କର। ନୂତନ ଭିବିଗ୍ରାମ-ଜି ଆଇନ ଏହି ଢାଞ୍ଚାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଏହା କାମ ପାଇବାର ଆଇନଗତ ନିଶ୍ଚିତତାକୁ ଦୂରେଇ ଦିଏ। ଏହା କେନ୍ଦ୍ର ସରକାରଙ୍କ ହାତରେ ନିଷ୍ପତ୍ତିକୁ କେନ୍ଦ୍ରୀଭୂତ କରେ। ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରେ ଏବଂ କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦ପ୍ରତିଶତରୁ ୬୦ପ୍ରତିଶତକୁ କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକ ଭାର ଲଦିଦିଏ। କୃଷିଋତୁରେ ମଧ୍ୟ ସୀମିତ ବଜେଟ ଯୋଗୁଁ କାମଧନ୍ଦା ନ ମିଳିବାର ଆଶଂକା ରହିଥାଏ। ମଜୁରୀ ସୁରକ୍ଷାର ଶିଥିଳତା ଯୋଗୁଁ ରୋଜଗାର କମିବା ନିଶ୍ଚିତ। ଏହି କାର୍ଯ୍ୟକ୍ରମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଦ୍ୱାରା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି। ଗ୍ରାମ୍ୟ ସ୍ୱୟଂଶାସନ ପାଣିଚିଆ ହେବା ସହ ଏମଜିଏନଆରଇଜିଏର ମୂଲ୍ୟବୋଧକୁ ଶିଥିଳ କରିବାର ଏହା ଏକ ଷଡ଼ଯନ୍ତ୍ର। ଗ୍ରାମୀଣ ଜୀବିକା ଉପରେ ଏହି ଆକ୍ରମଣର ଗମ୍ଭୀରତାକୁ ଧ୍ୟାନରେ ରଖି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତି କ୍ରମେ 'ଏମଜିଏନଆରଇଜିଏ ବଞ୍ଚାଓ ସଂଗ୍ରାମ" ନାମକ କଂଗ୍ରେସ ଦେଶବ୍ୟାପୀ ଜନଆନ୍ଦୋଳନ ଆରମ୍ଭ କରିବାକୁ ସଂକଳ୍ପ ଗ୍ରହଣ କରିଛି। ଯାହାର ଉଦ୍ଦେଶ୍ୟ କାମର ଅଧିକାରକୁ ସୁରକ୍ଷା କରିବା ଓ ଏମଜିଏନଆରଇଜିଏକୁ ତାହାର ମୂଳ ଅଧିକାର-ଆଧାରିତ ରୂପରେ ଫେରି ପାଇବା। ଏମଜିଏନଆରଇଜିଏ ବଞ୍ଚାଅ ସଂଗ୍ରାମ ଆସନ୍ତା ୨୫ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ଏହାର ପ୍ରତୀକାତ୍ମକ ପ୍ରତିବାଦ ସ୍ୱରୂପ ଜିଲ୍ଲା ମୁଖ୍ୟାଳୟ କିମ୍ବା ପ୍ରମୁଖ ସାର୍ବଜନୀନ ସ୍ଥାନରେ ଏକ ଦିନିକିଆ ଉପବାସ ପାଳନ କରାଯିବ।

# କୁଚିଣ୍ଡା ଅଞ୍ଚଳରେ ମଞ୍ଚ ନାଟକର ସ୍ଥିତି ଉପରେ ଆଲୋଚନାଚକ୍ର

କୁଚିଣ୍ଡା,**୧୧।୧:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ କୁଚିଣ୍ଡା ଅଞ୍ଚଳରେ ମଞ୍ଚ ନାଟକର ସ୍ଥିତି ଶିଷକ ଉପରେ ଏହାର ଅତିତ ବର୍ତ୍ତମାନ ଏବଂ ଭବିଷ୍ୟତ କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭୁତି କଲ୍ୟାଣ ପଟେଲଙ୍କ ନେତୃତ୍ୱରେ ହୋଇଥିବା ଆଲୋଚନା ଚକ୍ରରେ କୁଚିଣ୍ଡା ଉପଖଣ୍ଡରେ ମଞ୍ଚ ନାଟକର ସ୍ଥିତି ଉପରେ ବିଭିନ୍ନ ପ୍ରକାର କଳାକାର ତଥା ନାଟ୍ୟକାର, କଣ୍ଠଶିଳ୍ପୀ, ନିର୍ଦ୍ଦେଶକ, ଅଭିନେତା ପ୍ରମୁଖ ଏକଜୁଟ ହୋଇ ନିଜେ ନିଜର ମତ ସାବ୍ୟସ୍ତ କରି ଏକ ଉପଖଣ୍ଡ ସ୍ତରୀୟ କମିଟି ଗଠନ କରିଥିଲେ ।ଏହାର ବିଶେଷତ୍ୱ ହେଉଛି ଲୋକ କଳା ନାଟକ ଧୀରେ ଧୀରେ ହଜି ଯାଉଥିବା ବେଳେ ପୁଣି ଆଉଥରେ କୁଚିଣ୍ଡା ରେ ନୂତନ ଭାବେ କିପରି ଗଢି ଉଠିବ ଲୋକମାନେ ଅବାଟକୁ ନଯାଇ ସଂସ୍କାର ଶିଖିବେ ତାର ପ୍ରୟାସ କରାଯାଇ,ଏଥିରେ ଅଞ୍ଚଳର ବଛା ବଛା ବିଶିଷ୍ଟ ଛୋଟ ବଡ଼ କଳାକାର କାର୍ଯ୍ୟକ୍ରମ ରେ ଏକତ୍ରିତ ହୋଇଥିଲେ ।

# ଅସହାୟ ହେଲେ ବାପା ମାଆ ଛେଉଣ୍ଡ ୩ନାବାଳିକା

ମୋରଡା,**୧୧।୧:(ମନ୍ଥନ)**ଛଅମାସ ତଳେ ଜନ୍ମଦାତା ପିତାଙ୍କୁ ହରାଇଥିବା ବେଳେ ଏବେ ନିଜ ମାଆକୁ ହରାଇ ବେସାହାରା ହେଲେ ୩ଅସହାୟ ନାବାଳିକା । ମିଳିଥିବା ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତ ସ୍ଥିତ ଭାଲୁକଚୁଆ ଗ୍ରାମର ସ୍ୱର୍ଗତ ଲାଲମୋହନ ହାଁସଦାଙ୍କ ସ୍ତ୍ରୀ ଚମ୍ପା ହାଁସଦା(୪୦)ଙ୍କ ଦେହ ଅସୁସ୍ଥତା ଯୋଗୁଁ ଶୁକ୍ରବାର ସକାଳେ ତାଙ୍କ ଶାଶୁ ବୁଧି ହାଁସଦା ଏବଂ ସାନ ଝିଅ ନାଗେଶ୍ୱରୀ ଆଣି କିଶାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଚମ୍ପା ଚିକିତ୍ସାଧୀନ ଅବସ୍ଥାରେ ରାତି ୧୦ଟାରେ ମୃତ୍ୟୁବରଣ କରିଥିଲେ । ଚମ୍ପାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଏବଂ ମୃତଦେହ ଘରକୁ ନେବାକୁ ସକ୍ଷମ ନଥିବା ଖବର ପାଇ ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଦାନ୍ତିଆମୁହାଁ ସମିତି ସଭ୍ୟ ସୁକୁଲ ମୁର୍ମୁ,ରାମ କୁଣ୍ଟିଆ। ମୁର୍ମୁ,ବିଶ୍ୱରଂଜନ ମହାପାତ୍ର,ରାଜେନ୍ଦ୍ର ବିନ୍ଧାଣୀ,ଗୈରମୋହନ ସିଂ ପ୍ରମୁଖ ବିଜେପି କର୍ମୀଙ୍କ ସହଯୋଗରେ ଡାକ୍ତରଖାନାରୁ ମୃତଦେହ ଘରକୁ ନେଇଥିଲେ। ସେଠାରେ ଶବ ପହଞ୍ଚିବାପରେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ଟୁଡୁ,ସମାଜସେବୀ ଶିରିଶ ଚନ୍ଦ୍ର ମହାନ୍ତ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଶବ ସତ୍କାର କରାଯାଇଥିଲା । ତେବେ ମୃତ ଚମ୍ପାଙ୍କର ତିନି ନାବାଳିକା ଝିଅ ନାଗେଶ୍ୱସାଉଁରୀ ଓ ବୁଦ୍ଧନୀ ୬ମାସ ତଳେ ନିଜ ପିତାଙ୍କୁ ହରାଇଥିବା ବେଳେ ଏବେ ନିଜ ମାଆକୁ ହରାଇ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଦୁଃଖରେ ଭାଙ୍ଗିପଡିଛନ୍ତି । ଅପର ପକ୍ଷରେ ଏହି ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ପଡିଲେ ପିଲାମାନଙ୍କୁ ଥଇଥାନ କରାଯିବା ନେଇ ମୋରଡା ବିଡ଼ିଓ ଅଶାକର ନାୟକ ପ୍ରକାଶ କରିଛନ୍ତି ।

ସୋମବାର, ୧୨ ଜାନୁଆରୀ, ୨୦୨୬ ଭୁବନେଶ୍ୱର
MONDAY, 12 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମହିଳା ସୁରକ୍ଷା ଚିନ୍ତାର ବିଷୟ

କମିଶନରେଟ ପୋଲିସର କଡା ସୁରକ୍ଷା ବଳୟ ମଧ୍ୟରେ ଥିବା ରାଜଧାନୀ ଭୁବନେଶ୍ୱରରେ ତ୍ରିକୋଣୀୟ ପ୍ରେମ ବ୍ୟାପାରକୁ ନେଇ ସ୍ପଷ୍ଟ ଦିବାଲୋକରେ ଜଣେ ଯୁବତୀଙ୍କୁ ତା'ର ପୁରୁଷ ପ୍ରେମିକ ବନ୍ଧୁକ ଦେଖାଇ ନାଟକୀୟ ଢଙ୍ଗରେ ଧମକ ଦେବା ପରେ ଗାଳିଗୁଲଜ କରୁଥିବାର ଭିଡିଓ ପ୍ରଘଟ ହେବା ଘଟଣା କେବଳ ରାଜଧାନୀର ଆଇନଶୃଙ୍ଖଳା ବ୍ୟବସ୍ଥା ପରିସ୍ଥିତି ବିଗିଡିବାର ସୂଚନା ଦେଇନାହିଁ, ମହିଳା ଅସୁରକ୍ଷିତ ହୋଇପଡିଥିବାର ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ । ଯାହାକି ରାଜଧାନୀରେ ପୋଲିସ ପାଇଁ ଅପରାଧ ଚ୍ୟାଲେଞ୍ଜ ସୃଷ୍ଟି କରିଛି । କହିବା ବାହୁଲ୍ୟ ଯେ, ଗଲା ଦୁଇ ମାସ ମଧ୍ୟରେ ରାଜଧାନୀରେ ପ୍ରତିଦିନ ରାହାଜାନି ଠାରୁ ଆରମ୍ଭ କରି ଲୁଟ୍‌ତରାଜ, ମହିଳାଙ୍କ ପ୍ରତି ଅଦାଚରଣ ଭଳି ଘଟଣା ବଢିବାରେ ଲାଗିଛି । ଯାହାକି ପୋଲିସ ବ୍ୟବସ୍ଥା ପ୍ରତି ଆହ୍ୱାନ ସୃଷ୍ଟି କରିଛି । ନିକଟରେ ରାଜଧାନୀରେ ଦୁଇଟି ଲୋମହର୍ଷଣକାରୀ ଗଣଦୁଷ୍କର୍ମ ଘଟଣା, ଯେଉଁ ଘଟଣା ଦ୍ୱୟ ରେଡଫ୍ଲାଗ ଅନ୍ତର୍ଭୁକ୍ତ ହୋଇଛି । ଅବଶ୍ୟ ଦୁଇଟି ଯାକ ଗଣଦୁଷ୍କର୍ମ ଘଟଣାରେ ପୋଲିସର ତତ୍ପରତା ଯୋଗୁଁ ଅପରାଧିମାନେ ଧରାପଡିଛନ୍ତି । କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ, ରାଜ୍ୟର ବିଭିନ୍ନ ଅଂଚଳରେ ହତ୍ୟା, ଚୋରି, ଡକାୟତ, ଛିନ୍‌ତାର ସହ ମହିଳା ବିରୋଧ ହିଂସା, ଦୁଷ୍କର୍ମ, ଅସଦାଚରଣ ଘଟଣା ଆଦି ବଢିବାରେ ଲାଗିଛି । ମାଲକାନାଗିରିର ଏମଭି ୨୬ଗାଁରେ ଜଣେ ମହିଳାଙ୍କର ମୁଣ୍ଡବିହୀନ ମୃତଦେହ ମିଳିବା ପରେ ସ୍ଥାନୀୟ ଅଂଚଳରେ ଯେଉଁଭଳି ଅଶାନ୍ତି, ଉତେଜନା, ଗୃହଦାର ଆଦି ଘଟଣା ଘଟିଥିଲା, ତାହା କେହି ମନରୁ ପାଶରି ନଥିବେ । ସେହିପରି ସୁନ୍ଦରଗଡ ଜିଲ୍ଲାର ଲାଂଜିବେର୍ଣ୍ଣାରେ ପୁରୁଷ ବନ୍ଧୁଙ୍କ ଦ୍ୱାରା ଉତପୀଡନ ହୋଇ ଜଣେ କଲେଜଛାତ୍ରୀ ନିଜ ଦେହରେ ନିଆଁ ଲଗେଇ ଶେଷରେ ସବୁଦିନ ପାଇଁ ଆଖିବୁଜିଥିଲେ । କେନ୍ଦୁଝର ସରକାରୀ ମହାବିଦ୍ୟାଳୟର ଜଣେ ଅତିଥି ଅଧ୍ୟାପିକା ଜଣେ ବ୍ୟକ୍ତିର ଉତ୍‌ପୀଡନରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବାବେଳେ ରାୟଗଡା ଜିଲ୍ଲାରେ ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଘରୁ ଟେକି ନେଇ ଗଣଦୁଷ୍କର୍ମ କରିବା ଘଟଣା ଅପରାଧିଙ୍କର ପୋଲିସ ପ୍ରଶାସନ ପ୍ରତି ଆଦୌ ଭୟ, ଖାତିର ନଥିବା ସଂକେତ ପ୍ରଦାନ କରେ । ଏହିଭଳି ଆହୁରି ଅନେକ ଘଟଣା ଲୋକଲଜ୍ୟା ଭୟରେ ଲୋକଲୋଚନକୁ ଆସିପାରିନାହିଁ । ତଥ୍ୟ କହୁଛି, ଗତ ଦେଢବର୍ଷ ମଧ୍ୟରେ ଭୁବନେଶ୍ୱରରେ ୧୮୮ଟି ଦୁଷ୍କର୍ମ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି, ଯେଉଁଥିରେ ୭୮ଜଣ ନାବାଳିକା ଅଛନ୍ତି । ସେହିପରି ଗତ ଦେଢବର୍ଷ ମଧ୍ୟରେ ରାଜ୍ୟରେ ମହିଳା ବିରୋଧି ଅପରାଧ ସଂଖ୍ୟା ୪୦ହଜାରରୁ ଅଧିକ ଥିବା ଅଭିଯୋଗ ହୋଇଥିବା ଶହଶହ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ରିପୋର୍ଟ ଅନୁଯାୟୀ ଗତ ଦେଢବର୍ଷ ମଧ୍ୟରେ ରାଜ୍ୟରେ ୩୭,୬୧୧ଟି ମହିଳା ବିରୋଧି ହିଂସା ଘଟଣା ଘଟିଛି । ଯେଉଁଥିରେ ୯୧୮୧ଟି ଘଟଣା ମହିଳାଙ୍କ ପ୍ରତି ଅସଦବ୍ୟବହାର ହୋଇଥିବା ବେଳେ ୮୨୨୭ଟି ଅପହରଣ, ୬୧୩୪ଟି ଅଣଯୌତୁକ ମହିଳା ନିର୍ଯ୍ୟାତନା ଏବଂ ୫୪୬୪ଟି ଯୌତୁକ ନିର୍ଯ୍ୟାତନା ଘଟଣା ଅର୍ନ୍ତଭୁକ୍ତ । ଉଲ୍ଲେଖଯୋଗ୍ୟ ଯେ, ୨୦୨୩ ମସିହାରେ ରାଜ୍ୟରେ ୨୮୨୬ଟି ବଳାତ୍କାର ଘଟଣା ଘଟିଥିବା ସମୟରେ ୨୦୨୨ଟି ୩୧୮୪ଟି ବଳାତ୍କାର ଘଟଣା ଘଟିଥିବା ଏନସିଆରବି ରିପୋର୍ଟ କହେ । ସବୁଠୁ ଉଦ୍‌ବେଗଜନକ ହେଉଛି, ରାଜ୍ୟରେ ହାରାହାରି ଦୈନିକ ୭ଟି ଦୁଷ୍କର୍ମ ଓ ୩ଟି ହତ୍ୟା ଘଟୁଥିବା ରିପୋର୍ଟରେ କୁହାଯାଇଛି । ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ, ଏହା କୌଣସି ଗୋଟିଏ ସରକାରଙ୍କର ବିଫଳତା ନୁହେଁ, ବରଂ ଏହା ଦୀର୍ଘଦିନର ବ୍ୟବସ୍ଥାଗତ ତ୍ରୁଟି ପୋଲିସର ତତ୍ପରତା ଅଭାବ, ଆଇନର ମନ୍ଥରତା ଯୋଗୁଁ ଅପରାଧିକ ମନରେ ଭୟନରହିବା ଯୋଗୁଁ ଅପରାଧ ସଂଖ୍ୟା ଦିନକୁ ଦିନ ବଢିଚାଲିଛି ବୋଲି ସ୍ୱୀକାର କରିବାକୁ ହେବ ।

# ଶ୍ରୀସାଇଙ୍କ ଦିବ୍ୟଲୀଳାରେ ହୃଦୟ ପରିବର୍ତ୍ତନ

## ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ' । ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି' । ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି' । ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି ।

ପ୍ରତିବର୍ଷ ଦଶହରା ସମୟରେ ମୁଁ ପ୍ରଶାନ୍ତି ନିଳୟମରେ ରହି ବାବାଙ୍କୁ ଦର୍ଶନ କରେ ତାଙ୍କ ସମ୍ଭାଷଣ ଶୁଣେ । ଏହାର ମୂଳ ଉଦ୍ଦେଶ୍ୟ ହେଉଛି ହୁଏତ କେହି ବିଶ୍ୱାସ ନକରି ପାରନ୍ତି ମାତ୍ର ମୁଁ ଭଗବାନ ସତ୍ୟସାଇଙ୍କୁ ମା'ଦୁର୍ଗତୀ ନାଶିନୀ ଦୁର୍ଗା ଭାବରେ ଦର୍ଶନ କରିଥାଏ । ଅଭ୍ୟାସଗତ ଦୃଷ୍ଟିରୁ ୧୯୯୦ ମସିହାରେ ଦଶହରା ସମୟରେ ପ୍ରଶାନ୍ତି ନିଳୟମ ଯିବା ପାଇଁ ସ୍ଥିର କଲି । ମୋର ଏହି ଯାତ୍ରା ବେଳେ ମୋ ସହଧର୍ମିଣୀ ଓ ସେ ସମୟରେ ମାତ୍ର ତିନିବର୍ଷ ହୋଇଥିବା ଝିଅ ମୋ ସହିତ ଯିବା ପାଇଁ ଆଗ୍ରହ ପ୍ରକାଶ କଲେ । ଯେହେତୁ ସେ ବାବାଙ୍କୁ ବିଶ୍ୱାସ କରନ୍ତି ନାହିଁ ପ୍ରଶାନ୍ତି ଏକ ସେ ସମୟରେ ଦୁର୍ଗମ ଓ ନାନା ଅସୁବିଧା ଥିବା ଛୋଟିଆ ଅଞ୍ଚଳଟି ହୋଇଥିବାରୁ ଆଶ୍ରମ ପରିସର ତାଙ୍କୁ ସନ୍ତୋଷଜନକ ହେବନାହିଁ ବୋଲି ବରଂ ତାଙ୍କୁ ନଯିବା ପାଇଁ ପ୍ରବର୍ତ୍ତାଇଲି । ମାତ୍ର ସହଧର୍ମିଣୀ ମୋ ସହିତ ଯାତ୍ରା କରିବା ପାଇଁ ଅଟଳ ରହିବାରୁ ଆମେ ତିନିଜଣ ପ୍ରଶାନ୍ତି ଅଭିମୁଖେ ଯାତ୍ରା କଲୁ । ସେଠାରେ ପହଞ୍ଚିବା ପରେ ରହିବା ପାଇଁ ରୁମ୍ ଆକୋମୋଡ଼ସନ କାଉଣ୍ଟରରେ ଏକ ରୁମ ପାଇଁ ଅନୁରୋଧ କରି ନ ପାଇବାରୁ ବାଧ୍ୟ ହୋଇ ସେଡ଼ରେ ରହିଲୁ । ସେତେବେଳର ବ୍ୟବସ୍ଥା ଅନୁଯାୟୀ ପୁରୁଷ ଓ ମହିଳା ଅଲଗା ଅଲଗା ସେଡ଼ରେ ରହୁଥାନ୍ତି । ସନ୍ଧ୍ୟା ଭଜନ ପରେ ମୋ ସହଧର୍ମିଣୀ ଓ ଝିଅ କେମିତି ଅଛନ୍ତି ଦେଖିବାକୁ ଯିବାରୁ ମୁଁ ସେମାନଙ୍କୁ ସେଡ଼ ବାହାରେ ବସିଥିବାର ଦେଖିଲି । ମୋ ସହଧର୍ମିଣୀ ବିରକ୍ତିର ସହ କହିଲେ ଏ ସେଡ଼ରେ ବ୍ୟବସ୍ଥା ଯାହା ଏଠାରେ ମଣିଷ ରହିବା ଯୋଗ୍ୟ ନୁହେଁ ବୋଲି ସେ ଅସନ୍ତୋଷ ବ୍ୟକ୍ତ କରି ବାହାରେ କୌଣସି ହୋଟେଲରେ ରହିବା ପାଇଁ ମୋତେ ବାଧ୍ୟ କଲେ ।

ଏଇଠି ମୁଁ ପୁଣି ଦ୍ୱନ୍ଦ୍ୱରେ ପଡ଼ିଗଲି କାରଣ ଭଗବାନ ବାବା ସବୁବେଳେ କୁହନ୍ତି ପ୍ରଶାନ୍ତି ଆସିଲେ ଏହାର ପରିସର ଭିତରେ ହିଁ ରହିବ । କାରଣ ଏହାର ପରିବେଶ ହିଁ ତୁମ ଶରୀର, ମନକୁ ସ୍ୱଚ୍ଛ, ନିର୍ମଳ ଓ ଆନନ୍ଦମୟ କରିବା ସହିତ ତୁମ ଭିତରେ ନୂତନ ଆଧ୍ୟାତ୍ମିକ ପ୍ରେରଣା ସୃଷ୍ଟି କରିବ । ତେଣୁ କୌଣସି ଭାବରେ ସହଧର୍ମିଣୀଙ୍କୁ ବୁଝାଇ ପୁନର୍ବାର ଆକୋମୋଡ଼ସନ କାଉଣ୍ଟରକୁ ଆସିବାରୁ ଗୋଟିଏ କୌତୁହଳପୂର୍ଣ୍ଣ ଦୃଶ୍ୟକୁ ସାମ୍ନା କଲି । ମୁଁ ଲାଇନରେ ଛିଡ଼ା ହୋଇଥିବା ସମୟରେ ମୋ ଆଗରେ କେରଳରୁ ଆସିଥିବା ଜଣେ ଭଦ୍ର ବ୍ୟକ୍ତି ଥିଲେ ଯାହାଙ୍କ ସହିତ ତାଙ୍କର ମୂକ ଓ ବଧିର ଦିବ୍ୟାଙ୍ଗ ଝିଅଟିଏ ଥାଏ ଏବଂ ସେ ଗୋଟିଏ ରୁମ ପାଇଁ ନିବେଦନ କରୁଥାନ୍ତି । କାରଣ ତାଙ୍କ ଝିଅର ସ୍ୱାସ୍ଥ୍ୟଗତ ଅସୁବିଧାକୁ ଲକ୍ଷ୍ୟ କରି । ତାଙ୍କର ଯୁକ୍ତି ଶୁଣି ମୁଁ ଭାବିଲି ଯେ ସେ ପ୍ରକୃତରେ ଗୋଟିଏ ରୁମ ପାଇବା ପାଇଁ ଉପଯୁକ୍ତ ଓ ଯୋଗ୍ୟତମ ବ୍ୟକ୍ତି । ମାତ୍ର କାଉଣ୍ଟରରେ ଥିବା ଯୁବ ଅଧିକାରୀ ଜଣକ ତାଙ୍କୁ କୌଣସି ରୁମ ନାହିଁ ବୋଲି ନିରାଶ ବାଣୀ ଶୁଣାଇଲେ । ସେଡ଼ରେ ନ ରହି ଅସୁବିଧା ହୋଇଥିଲେ ହୋଟେଲରେ ରହିବା ପାଇଁ ପରାମର୍ଶ ଦେଲେ । ମୋ ଭିତରେ ଏକ ଭାବନାଗତ ଦ୍ୱନ୍ଦ୍ୱ ସୃଷ୍ଟି ହେଲା ଯେ ଏ ଭଦ୍ରବ୍ୟକ୍ତିଙ୍କ ଯଥାର୍ଥ ଅନୁରୋଧ ଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡୁଛି ତେଣୁ ଏ ପରିସ୍ଥିତିରେ ମୁଁ କ'ଣ କରିବି? ବଡ଼ ଦ୍ୱନ୍ଦ୍ୱରେ ପଡ଼ିଗଲି ।

ବାବାଙ୍କ ଉପରେ ଥିବା ଅଟଳ ବିଶ୍ୱାସ, ଗଭୀର ଦୃଢ଼ ଆସ୍ଥା ମୋତେ ପ୍ରେରିତ କଲା ଯେ ମୋ ଅସୁବିଧା ବଶତଃ ବରଂ ରୁମ ନ ମାଗିବା ପାଇଁ । ହଠାତ୍ କାଉଣ୍ଟରରେ ଥିବା ଯୁବ ବନ୍ଧୁ ଜଣଙ୍କ ରାତି ନଅଟା ବେଳକୁ ଆସିବା ପାଇଁ ମୋତେ ପରାମର୍ଶ ଦେଲେ । ତେଣୁ ଯେନତେନ ଭାବରେ ସହଧର୍ମିଣୀଙ୍କୁ ବୁଝାଇ ରାତି ନଅଟା ପର୍ଯ୍ୟନ୍ତ ଅପେକ୍ଷା କଲୁ । ରାତି ନଅଟା ବେଳେ ଆକୋମୋଡ଼େସନ କାଉଣ୍ଟରରେ ପହଞ୍ଚିଲା ବେଳକୁ ହଠାତ୍ ସେ ଯୁବ ବନ୍ଧୁ ଜଣଙ୍କ ତାଙ୍କ ଚେୟାର ଛାଡ଼ି ଚାଲିଗଲେ ଓ ସେ ଜାଗାରେ ଆଉଜଣେ ବୟସ୍କ ଭଦ୍ରବ୍ୟକ୍ତି ଦାୟିତ୍ୱ ଗ୍ରହଣ କଲେ । ମୁଁ କ'ଣ ଚାହୁଁଛି ବୋଲି ଇଂରାଜୀରେ କାଉଣ୍ଟରରେ ଥିବା ଭଦ୍ରବ୍ୟକ୍ତି ମୋତେ ପ୍ରଶ୍ନ କଲେ । ମୁଁ ମୋ ଅସୁବିଧା ଜଣାଇ ପାଞ୍ଚଦିନ ପାଇଁ ଗୋଟିଏ ରୁମ ମାଗିଲି । ସେ ମୋତେ କହିଲେ ମୁଁ ଆପଣଙ୍କୁ ତିନିଦିନ ପାଇଁ ରୁମ ଅନୁମୋଦନ କରୁଛି ପରେ ଆପଣ ଆଉ ଦୁଇଦିନ ପାଇଁ ବଢ଼ାଇ ପାରିବେ ଏହା ମୋତେ କେବଳ ଆଶ୍ଚର୍ଯ୍ୟଚକିତ କରିନଥିଲେ ଏହା ଥିଲା ପ୍ରଭୁଙ୍କର ମୋ ପ୍ରତି ଦିବ୍ୟଲୀଳା । ଓଏଷ୍ଟେ ପ୍ରଶାନ୍ତିର ଏକ ରୁମର ଚାବି ମୋତେ ଦେଇଥିଲେ ଓ ମୁଁ ନିର୍ଦ୍ଧାରିତ ଫିସ ଦାଖଲ କଲି ।

ମୋ ସହଧର୍ମିଣୀ ଓ ଝିଅଙ୍କ ପାଇଁ ପ୍ରତିଦିନ ପ୍ରଶାନ୍ତି ନିଳୟମ ପରିସରରେ ଥିବା କ୍ୟାଣ୍ଟିନରୁ ଖାଇବା ଆଣୁଥାଏ କିନ୍ତୁ ପ୍ରତିଦିନ ପ୍ରତ୍ୟୁଷ ଚାରିଟା ବେଳେ ଓଁକାରମ୍ ସୁପ୍ରଭାତମ୍ ନଗର ସଂକୀର୍ତ୍ତନ ସହିତ ଭଗବାନଙ୍କ ପ୍ରାତଃ ଦର୍ଶନ ପାଇଁ ରୁମରେ ସହଧର୍ମିଣୀ ଓ ଝିଅକୁ ଶୋଇଥିବା ଅବସ୍ଥାରେ ଛାଡ଼ି ମୁଁ ଯାଉଥାଏ । ତିନିଦିନର ରହଣୀ ବେଳକୁ ଦିନେ ମଧ୍ୟାହ୍ନ ସମୟରେ ମୋ ସହଧର୍ମିଣୀ ମୋତେ କହିଲେ - 'ବାବାଙ୍କ ପାଦ ଦର୍ଶନ ପାଇଲଣି' ମୁଁ ମନା କରିବା ପରେ ମୋ ଭିତରେ ଏକ ଅନୁସନ୍ଧିତ୍ସା ଓ କୌତୁହଳ ସୃଷ୍ଟି ହେଲା ଯେ ସେ କାହିଁକି ଭଗବାନଙ୍କ ପାଦ ଦର୍ଶନ କଥା ଜାଣିବାକୁ ଚାହୁଁଛନ୍ତି । ପ୍ରତିଉତ୍ତରରେ ସେ ମୋତେ ଯାହା କହିଥିଲେ ମୁଁ ଆଶ୍ଚର୍ଯ୍ୟ ଚକିତ ହେବା ସହିତ ଲୀଳାମୟ ଭଗବାନ ବାବା ପ୍ରତ୍ୟେକ ବ୍ୟକ୍ତିର ରୂପାନ୍ତରଣ କରିବା ପାଇଁ ଯେ ଆସିଛନ୍ତି ତାହା ମୁଁ ମର୍ମେ ମର୍ମେ ଅନୁଭବ କଲି । ମୋ ସହଧର୍ମିଣୀଙ୍କ କହିବା ଅନୁଯାୟୀ ପ୍ରଥମ ଦିନ ସକାଳ ଛଅଟା ବେଳକୁ ସେ ଓ ମୋ ଝିଅ ଆଶ୍ରମ ପରିସରକୁ ଦେଖିବା ପାଇଁ ବାହାରକୁ ଆସିବା ସମୟରେ ସେ ସମୟରେ କୁଲହନ୍ତ ପ୍ରେକ୍ଷାଳୟ ବାହାରେ ମହିଳାମାନେ ଏକ ଲମ୍ବା ଧାଡ଼ିରେ ବସିଥିବାର ଦେଖିଲେ । କୌତୁହଳ ବଶତଃ ସେ ଛିଡ଼ା ହେବାରୁ ଜଣେ ମହିଳା ତାଙ୍କୁ ଲାଇନରେ ବସିବା ପାଇଁ ଇଙ୍ଗିତ କଲେ । କିଛି ସମୟରେ ପରେ ସେହି ଲାଇନରେ ଥିବା ମହିଳାମାନେ କୁଲହନ୍ତ ପ୍ରେକ୍ଷାଳୟକୁ ଯିବା ପାଇଁ ଟୋକନ ଦ୍ୱାରା ମନୋନୀତ ହେବାରୁ ମୋ ସହଧର୍ମିଣୀ ବସିଥିବା ଧାଡ଼ିଟି ଯେହେତୁ ଏକ ନମ୍ବର ଟୋକନରେ ଉଠିଥିଲା ତେଣୁ ସେମାନେ ହଲ ପ୍ରଥମ ଧାଡ଼ିରେ ବସିବା ପାଇଁ ସୁଯୋଗ ପାଇଲେ । ଭଗବାନ ବାବା ଭକ୍ତ ମାନଙ୍କୁ ଦର୍ଶନ ଦେବା ପାଇଁ ପ୍ରେକ୍ଷାଳୟ ଭିତରକୁ ଆଗମନ କଲେ । ମୋ ସହଧର୍ମିଣୀ ଓ ଝିଅ ବସିଥିବା ପ୍ରଥମ ଧାଡ଼ି ଆଗରେ ଚାଲିଗଲେ କିନ୍ତୁ ହଠାତ୍ ସେ ପୁଣି ଫେରିଆସିଲେ । କିଛି କ୍ଷଣ ମୋ ସହଧର୍ମିଣୀ ଓ ଝିଅ ବସିଥିବା ଜାଗାରେ ହିଁ ଛିଡ଼ା ହୋଇରହିଲେ । କିଛି କ୍ଷଣ ଭିତରେ ଏପରି ଆକସ୍ମିକ ଲୀଳା ଭଗବାନ ଯେପରି ସେହି ଦୁଇଜଣଙ୍କ ପାଇଁ ରଖିଥିଲେ । ପ୍ରଥମଥର ପ୍ରଶାନ୍ତି ନିଳୟମ ଯାଇଥିବାରୁ ମୋ ସହଧର୍ମିଣୀ କିଛି ବୁଝି ନପାରିବାରୁ ତାଙ୍କ ପାଖରେ ବସିଥିବା ଜଣେ ବୟସ୍କ ଭଦ୍ର ମହିଳା ହିନ୍ଦୀରେ ହକିଲେ ଯେ ଭଗବାନ ତାଙ୍କୁ ପାଦ ଦର୍ଶନ ଦେବା ପାଇଁ ଅନୁମତି ଦେଉଛନ୍ତି । ତେଣୁ ଯନ୍ତ୍ରଚାଳିତ ହିସାବରେ ମା'ଝିଅ ଭଗବାନଙ୍କ ଦିବ୍ୟ ପାଦର୍ଶନ ପାଇବାର ଅପୂର୍ବ ସୁଯୋଗ ପାଇଲେ । ସତେ ଯେପରି କରୁଣାମୟ ସେତିକି କୃପା ଦେବା ପାଇଁ ଅଗ୍ରସର ହେଉଥିବା ଧାଡ଼ିର ପଛକୁ ଫେରିଥିଲେ । ଏହାପରେ ବାବା ଅନ୍ୟତ୍ର ଚାଲିଗଲେ । ସେହିଦିନଟି ଥିଲା ମୋ ସହଧର୍ମିଣୀଙ୍କ ଜୀବନରେ ଭଗବାନଙ୍କୁ ପ୍ରଥମ ଦର୍ଶନ ଓ ସ୍ପର୍ଶନର ଅମୂଲ୍ୟ ସୁଯୋଗ । ପରବର୍ତ୍ତୀ ଦୁଇଦିନ ମଧ୍ୟ ବାବା ସମାନ ଭାବରେ ମା'ଝିଅଙ୍କୁ ପାଦ ଦର୍ଶନ ଦେଇ କରୁଣାରେ ପୂର୍ଣ୍ଣ କରିଦେଇଥିଲେ । ଏହା ଶୁଣିବା ପରେ ମୁଁ କେବଳ ଆଶ୍ଚର୍ଯ୍ୟ ହେଲିନାହିଁ ମୋ ଆଖିରୁ ଆନନ୍ଦର ଲୁହ ଝରି ପଡ଼ିଲା ଏବଂ ଧୀର ଭାବରେ ତାଙ୍କୁ ପଚାରିଲି ବାବାଙ୍କ ପାଦଦର୍ଶନ ପରେ ତୁମର ଅନୁଭୂତି କ'ଣ? ତାଙ୍କର ଉତ୍ତର ଥିଲା - 'ଏହା ଭାଷାରେ ବର୍ଣ୍ଣନା କରିହେବନାହିଁ, କେବଳ ହୃଦୟରେ ଅନୁଭବ ହିଁ କରିହେବ ।' ଏହିଠାରୁ ତାଙ୍କ ଜୀବନରେ ପରିବର୍ତ୍ତନ ଆରମ୍ଭ ହେଲା ଓ ବାବାଙ୍କ ପ୍ରତି ଦୃଢ଼ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ହେଲା ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ । ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି । ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମାଣେ କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ । ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ । ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
E-mail : sourachandramohapatra16@gmail.com

# ସ୍ୱାମୀ ବିବେକାନନ୍ଦ

## ସତ୍ୟ ମହାପାତ୍ର

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ । ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ । ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା । ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ । ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା । ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା । ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି । ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବାଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ । ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ ।



୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ । ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ । ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ । ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ । ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ । ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା । ତେବେ କିଛି ବି ହଠାତ୍ ଘଟି ନଥିଲା । ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ । ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା । ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା । ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ । ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା । ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା । ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ । ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ । ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି । ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ । ୧୮୬୩ ଜାନୁଆରୀ ୧୨ ତାରିଖରେ କୋଲକାତାରେ ସ୍ୱାମୀ ବିବେକାନନ୍ଦ ଜନ୍ମ ହୋଇଥିଲେ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨
E-mail : mohapatrasatya67@gmail.com

### ସମ୍ପାଦକଙ୍କୁ ପତ୍ର

# ସରକାରୀ ଗ୍ରାମ୍ୟ ଜଙ୍ଗଲର ଭବିଷ୍ୟତ

## ଶ୍ରୀଧର କୁମାର ରାଉଳ

ଓଡ଼ିଶାରେ ଲୋକପ୍ରିୟ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟବାସୀ ଅନେକ ବିକାଶକୁ ଦେଖୁଛନ୍ତି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବୋଦୟ ବିକାଶର ପ୍ରାଥମିକ କେନ୍ଦ୍ର ଭାବେ ଗୁରୁତ୍ୱ ଦେଇଥିବାରୁ ଏହାର ସମ୍ଭାବନା ଅନେକ ବଢ଼ିଯାଇଛି । ଓଡ଼ିଶଶ ସରକାର ସରକାରୀ ଜମି ଜବରଦଖଲକାରୀଙ୍କୁ ନିବୃତ୍ତ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଓଡ଼ିଶା ଏପରି ଏକ ରାଜ୍ୟ ଯାହାର ପ୍ରାକୃତିକ ବିଭବ ଏକ ଅମୂଲ୍ୟ ସମ୍ପତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପ୍ରାକତିକ ଛୋଟ ଛୋଟ ସବୁଜିମା ବୃକ୍ଷରାଜି ଆମ୍ଭ ମାନଙ୍କୁ କେବଳ ଅକ୍ସିଜେନ ଯୋଗାଉ ନାହିଁ ବରଂ ଏହା ଅନେକ ପରିବାରର ରୋଜିରୋଟି ପାଇଁ ସମର୍ଥ ହେଉଛି । ତେବେ ଏହିପରି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅଭାବନୀୟ ଘଟଣା ପ୍ରଶାସନ ନଜରରେ ପଡ଼ିପାରୁନାହିଁ । କଟକ ସହରର ସନ୍ନିକଟରେ ରହିଛି କୟଳପଡ଼ା ଓ ପାଟଣା ସାହି ଯାହାକି ୱାର୍ଡ଼ ନଂ ଦୁଇ ଅନ୍ତର୍ଗତ । ଏହି ଅଞ୍ଚଳର ପ୍ରାକୃତିକ ସମ୍ବଳ କହିଲେ ପାଖାପାଖି ପଚାଶ ଏକରର ସରକାରୀ ଜମିରେ ରହିଛି ଗ୍ରାମ୍ୟ ଜଙ୍ଗଲ । ଏହି ଗ୍ରାମ୍ୟ ଜଙ୍ଗଲଟି ସରକାରଙ୍କ ବିଧିବଦ୍ଧ ପ୍ଲଟ ନଂ -ଆଠଶହ ଶୋହଳ, ଆଠଶହ ସତର ଓ ଆଠଶହ ପଅଁଷଠୀରେ ଅନ୍ତର୍ଭୁକ୍ତ ହୋଇଛି । ଏହି ଗ୍ରାମ୍ୟ ଜଙ୍ଗଲର ନିର୍ଦ୍ଦିଷ୍ଟ କିଛି ପ୍ଲଟ ପୁରୁଣା କଟକ ସମ୍ବଲପୁର ରାସ୍ତାର ଉତ୍ତର ଦିଗରେ ଅବସ୍ଥିତ । ଏହି ଗ୍ରାମ୍ୟ ଜଙ୍ଗଲରେ ରହିଛି ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ, ଜଙ୍ଗଲିଆ ଗଛ ଓ ଔଷଧୀୟ ଗୁଣ ଥିବା ଦୁର୍ଲ୍ଲଭ ବୃକ୍ଷରାଜି । ସବୁଠାରୁ ବଡ଼ କଥା ହେଉଛି ଏହି ଗ୍ରାମ୍ୟ ଜଙ୍ଗଲ ଜମିରେ ପାଟଣା ସାହିର ବର୍ଷାଜଳ ନିଷ୍କାସିତ ହୋଇଥାଏ । ତେବେ ଦୁର୍ଭାଗ୍ୟର ବିଷୟ କିଛି ଜମି ମାଫିଆ ଗ୍ରାମର ସରକାରୀ ଜମି ଓ ଗ୍ରାମ୍ୟ ଜଙ୍ଗଲକୁ ହଡ଼ପ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏ ନେଇ ପୂର୍ବରୁ ସ୍ଥାନୀୟ ଟାଙ୍ଗୀ ଚୌଦ୍ୱାରର ତହସିଲଦାର ଓ ସରକାରଙ୍କ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କୁ ମୌଖିକ ଭାବେ ଅଭିଯୋଗ କରି ଆସୁଛୁ । ତେବେ ଏ ସବୁ ସତ୍ତ୍ୱେ ଗତ ଡିସେମ୍ବର ଅଠେଇଶ ତାରିଖ ଦିନ ସିମିଳି ହାଣ୍ଡ ଗ୍ରାମର ଦିଲ୍ଲୀପ ନାୟକ ଗ୍ରାମ୍ୟ ଜଙ୍ଗଲରୁ ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ ସହ ଦୁଷ୍ପ୍ରାପ୍ୟ ଔଷଧୀୟ ଗଛ ଗୁଡ଼ିକୁ କାଟି ନେଇ ଯାଇଛି । ବଜାରରେ ଯାହାର ମୂଲ୍ୟ ଲକ୍ଷାଧିକରୁ ଊର୍ଦ୍ଧ୍ୱ ହେବ । ତେବେ ଦୁର୍ଭାଗ୍ୟ ଜନକ ପ୍ରସଙ୍ଗ ହେଉଛି ଗଛ କାଟିବା ପରେ ପାଖାପାଖି କୋଡିଏ ଟ୍ରିପରୁ ଊର୍ଦ୍ଧ୍ୱ ହାଇୱା ପଥର କ୍ରସର ଗୁଣ୍ଡ ସେ ସ୍ଥାନରେ ପକାଇ ବର୍ଷାଜଳ ନିଷ୍କାସିତ ହେଉଥିବା ନାଳକୁ ପୋତି ଦେଇଛନ୍ତି । ଏ ପ୍ରସଙ୍ଗରେ ସ୍ଥାନୀୟ ଗ୍ରାମବାସୀ ଦେବେନ୍ଦ୍ର ରାଉଳ, ରାଜେନ୍ଦ୍ର ବେହେରା, ରଞ୍ଜୁ ପ୍ରଧାନ ଇତ୍ୟାଦି ଅନୁରୋଧ କରିବାରୁ ଅପରାଧି ଶ୍ରେଣୀର ଜମି ମାଫିଆ ଦିଲ୍ଲୀପ ନାୟକ ଦୁର୍ବ୍ୟବହାର କରିବା ସହ ହତ୍ୟା କରିବା ପାଇଁ ଗୋଡ଼ାଇବାରୁ ଆମ୍ଭେମାନେ ପ୍ରକାରାନ୍ତରେ ନୀରବ ରହିବା ପାଇଁ ବାଧ୍ୟ ହେଲୁ ।

ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହେଉଥିବା ନାଳଟି ଅବରୋଧ ହୋଇଯାଇଥିବାରୁ ଜଳବନ୍ଦୀ ସମସ୍ୟା ଦେଖାଯିବା ସହ ପରିବେଶ ମଧ୍ୟ ପ୍ରଦୂଷଣ ହେଉଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗ୍ରାମ୍ୟ ଜଙ୍ଗଲକୁ ସର୍ବାଧିକ ସୁରକ୍ଷା ଦେବା ସହ ପରିବେଶ ପ୍ରଦୂଷଣ ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି । ତେଣୁ ସମ୍ପୃକ୍ତ ଅଞ୍ଚଳର ଧନଜୀବନ ବ୍ୟାହାତ ହେବା ସହ ଦିନକୁ ଦିନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢୁଥିବାରୁ କିଛି ଦିନ ମଧ୍ୟରେ ଗ୍ରାମ୍ୟ ଜଙ୍ଗଲ ନିଶ୍ଚିନ୍ନ ହୋଇଯିବାର ଭୟ ରହିଛି । ସରକାର ବ୍ୟାପକ ବୃକ୍ଷ ରୋପଣ କରିବା ସହ ଲୋକମାନେ କିପରି ସବୁଜିମାକୁ ଭଲ ପାଇବେ ସେଥି ନିମିତ୍ତ ବ୍ୟାପକ ସଚେତନତା ସୃଷ୍ଟି କରୁଛନ୍ତି । କିନ୍ତୁ ଏକ୍ଷେତ୍ରରେ କିଛି ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ସରକାରଙ୍କ ନିୟମକୁ ମାଡି ମକଚି ଦେଉଛନ୍ତି । ତେଣୁ କୟଳପଡ଼ା ଗ୍ରାମର ପାଟଣା ସାହି ଗ୍ରାମବାସୀ ବୃନ୍ଦ ସମୂହ ଭାବରେ ନିବେଦ କରୁଛନ୍ତି ଯେ ପ୍ରଶାସନ ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ଗ୍ରାମ୍ୟ ଜଙ୍ଗଲ କିପରି ସୁରକ୍ଷିତ ରହିବ ଏବଂ ଲୋକମାନେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବେ ସେ ଦିଗକୁ ଅନୁଧ୍ୟାନ ସହ ଲୋକମାନଙ୍କ ନିବେଦନକୁ ଗ୍ରହଣ କରିବା ପାଇଁ ସମୂହ ଅନୁରୋଧ ।

କୟଳପଡ଼ା, କଟକ, ଦୂରଭାଷ : ୮୩୩୮୩୬୬୧୦୪



# ରୁଷ-ୟୁକ୍ରେନ୍ ଯୁଦ୍ଧରେ ସମାଧାନ ହେବ:ଟ୍ରମ୍ପ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଶେଷ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ । ଆମେରିକା ଏହି ସଂଘର୍ଷକୁ ଶେଷ କରିବାକୁ ନିରନ୍ତର ଚେଷ୍ଟା କରୁଛି । ଏହି ସମୟରେ, ଫକ୍ସ ନ୍ୟୁଜର ବରିଷ୍ଠ ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ପିଟର ଡୁସି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଚାରିଥିଲେ ଯେ, ସେ କେବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେବେ କି, ଯେପରି ଆମେରିକା ପୂର୍ବତନ ଭେନେଜୁଏଲାର ନେତା ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଡେଲ୍ଟା ଫୋର୍ସ ମିଶନ କରିଥିଲା । ସେ ଏହି ପ୍ରଶ୍ନ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲଡିମିର ଜେଲେନ୍ସକିଙ୍କ ବୟାନକୁ ନେଇ କରିଥିଲେ । ମାଦୁରୋଙ୍କୁ ଆମେରିକା ଗିରଫ କରିବା ପରେ ଜେଲେନ୍ସକି କହିଥିଲେ ଯେ, ଯଦି ଏକଛତ୍ରବାଦୀଙ୍କ ସହିତ ଏହି ଉପାୟରେ ମୁକାବିଲା କରାଯାଇପାରିବ, ତେବେ ଆମେରିକା ଜାଣିଛି ଯେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବା ଉଚିତ । ତେବେ ପିଟର ଡୁସିଙ୍କ ପ୍ରଶ୍ନର ଉତ୍ତର ଦେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ମୁଁ ଭାବୁନାହିଁ ଯେ ଏହା ଆବଶ୍ୟକ ହେବ । ପୁଟିନ୍ ଏବଂ ମୋର ସର୍ବଦା ଭଲ ସମ୍ପର୍କ ରହିଛି । ମୁଁ ବହୁତ ନିରାଶ । ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଶାନ୍ତି ଚୁକ୍ତିନାମା ପାଇଁ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରୁଥିଲି । କିନ୍ତୁ ଏହା ସହଜ ନଥିଲା । ମୁଁ ଆଠଟି ଯୁଦ୍ଧ ସମାପ୍ତ କରିଛି ଏବଂ ଆଶା କରୁଛି ଯେ, ରୁଷ-ୟୁକ୍ରେନ୍ ଯୁଦ୍ଧ ମଧ୍ୟ ସମାନ ଭାବରେ ସମାଧାନ ହେବ । ସେ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଗତ ମାସରେ ୩୧,୦୦୦ ଲୋକ (ସେମାନଙ୍କ ମଧ୍ୟରୁ ଅନେକ ରୁଷ ସୈନିକ ଥିଲେ) ମୃତ୍ୟୁବରଣ କରିଛନ୍ତି ଏବଂ ରୁଷର ଅର୍ଥନୀତି ଦୁର୍ବଳ ହେଉଛି । ମୁଁ ଏହାର ଶୀଘ୍ର ସମାଧାନ ଚାହୁଁଛି ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ଆକ୍ସନ

# ଫଡନାଭିସ୍ ସରକାର ରଦ୍ଦ କଲେ ଲକ୍ଷାଧିକ ପ୍ରମାଣପତ୍ର

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ବିଜେପି ନେତା ନୀତେଶ ରାଣେଙ୍କ ପରେ, ବିଜେପି ନେତା କିରିଟ ସୋମୈୟା ଦେଇଛନ୍ତି ଚେତାବନୀ । ସେ କହିଛନ୍ତି, ଜାନୁଆରୀ ୧୬ ପରେ ରାଜ୍ୟରେ ବେଆଇନ ଭାବରେ ରହୁଥିବା ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ । ଏହି ସମୟରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । କିରିଟ ସୋମୈୟା ନ୍ୟୁଜ ଏଜେନ୍ସି ଆଇଏଏନଏସକୁ କହିଛନ୍ତି, 'ମମତା ବାନାର୍ଜୀ ବାଂଲାଦେଶରେ ହିନ୍ଦୁଙ୍କ ହତ୍ୟା ଉପରେ କୌଣସି ଚିନ୍ତା ଦେଖାଉନାହାଁନ୍ତି । ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ସେ କେବଳ ତାଙ୍କ ଭୋଟ ବ୍ୟାଙ୍କ ବିଷୟରେ ଚିନ୍ତିତ । ତାଙ୍କ ଭୋଟ ବ୍ୟାଙ୍କରେ ବାଂଲାଦେଶୀ ବଂଶୋଦ୍ଭବ ଲୋକ ଅନ୍ତର୍ଭୁକ୍ତ । ସେ ଚାହାଁନ୍ତି ସେମାନେ ବାହାରକୁ ଆସନ୍ତୁ, ତେଣୁ ସେ ଚାହାଁନ୍ତି ନାହିଁ ଯେ କୌଣସି ପରିସ୍ଥିତିରେ ତଦନ୍ତ ଜାରି ରଖାଯାଉ ।' ସୋମୈୟା ଆହୁରି କହିଛନ୍ତି ଯେ ପଶ୍ଚିମବଙ୍ଗ ଏବଂ ଆସାମରେ ବହୁ ସଂଖ୍ୟାରେ ବାଂଲାଦେଶୀ ବସବାସ କରୁଛନ୍ତି । ଆଜି ବାଂଲାଦେଶୀ ନାଗରିକମାନେ ଏହି ରାଜ୍ୟଗୁଡ଼ିକରେ ଲିଡରସିପ୍ ବଢାଉଛନ୍ତି । ମହାରାଷ୍ଟ୍ର ହେଉଛି ପ୍ରଥମ ରାଜ୍ୟ ଯେଉଁଠାରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ବାଂଲାଦେଶୀ ନାଗରିକଙ୍କ ୨.୨୪ ଲକ୍ଷ ନକଲି ଜନ୍ମ ପ୍ରମାଣପତ୍ର ବାତିଲ କରିଛନ୍ତି । ନିର୍ବାଚନ ଶେଷ ହେବା ପରେ, ଜାନୁଆରୀ ୧୬ ପରେ ପ୍ରତ୍ୟେକଙ୍କୁ ଚିହ୍ନଟ କରି ଦେଶରୁ ନିର୍ବାସିତ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ । ଏହି ଅଭିଯାନ ବିଶେଷ ଭାବରେ ସେମାନେ ବ୍ୟବହାର କରିଥିବା ନକଲି କାଗଜପତ୍ର (ଆଧାର କାର୍ଡ, ରାସନ କାର୍ଡ, ଭୋଟର ପରିଚୟ ପତ୍ର ଏବଂ ଜନ୍ମ ପ୍ରମାଣପତ୍ର) ଯାଞ୍ଚ କରାଯିବ। କିରିଟ ସୋମୈୟା AIMIM ମୁଖ୍ୟ ଅସଦୁଦ୍ଦିନ ଓୱେସିଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ । ସେ କହିଥିଲେ, ଓୱେସିଙ୍କ ଦଳ କହୁଛି ଯେ ସେମାନେ ମୁମ୍ବାଇକୁ ଏକ ମୁସଲିମ ସହର କରିବାକୁ ଚାହୁଁଛନ୍ତି । ସେମାନେ ଚାହାଁନ୍ତି ଯେ ମୁମ୍ବାଇରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାନ କିମ୍ବା ବୁର୍ଖା ପିନ୍ଧିଥିବା ଲୋକଙ୍କୁ ଦିଆଯାଉ । ଉଦ୍ଧବ ଠାକରେଙ୍କ ବାନ୍ଦ୍ରା ପ୍ରାର୍ଥୀ ବୁର୍ଖା ପିନ୍ଧି ପ୍ରଚାର କରନ୍ତି । ସେମାନଙ୍କର ଲକ୍ଷ୍ୟ ହେଉଛି ମୁସଲମାନମାନଙ୍କ ମଧ୍ୟରେ ଧର୍ମାନ୍ଧତା ଏବଂ ଉଗ୍ରବାଦକୁ ପ୍ରୋତ୍ସାହିତ କରିବା । ୧୯୪୭ ରେ ମୁମ୍ବାଇରେ ୮.୮ ପ୍ରତିଶତ ମୁସଲିମ ଜନସଂଖ୍ୟା ଥିଲା । ଆଜି ଏହା ୨୪.୮ ପ୍ରତିଶତ । ବାଂଲାଦେଶୀ ନାଗରିକଙ୍କୁ ଦେଶାନ୍ତର କରିବା ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି କୌଣସି ପ୍ରକାରର ବୁଝାମଣାକୁ ସହ୍ୟ କରିବ ନାହିଁ ।'

# ରାମ ମନ୍ଦିରରେ ନମାଜ ପଢିବାକୁ ଉଦ୍ୟମ ବେଳେ ଯୁବକଙ୍କୁ ଅଟକ ରଖିଲା ପୋଲିସ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଅଯୋଧ୍ୟା ରାମ ମନ୍ଦିର ପରିସରରେ ଜଣେ ମୁସଲମାନ ଯୁବକ ନମାଜ ପାଠ କରିବାକୁ ଚେଷ୍ଟା କରୁଥିବା ମାମଲା ସାମ୍ନାକୁ ଆସିଛି । ମନ୍ଦିର ପରିସରରେ ନମାଜ ପଢୁଥିବା ଯୁବକ ଜଣକ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୋଲି କୁହାଯାଉଛି । ଗିରଫ ଯୁବକ ରାମ ମନ୍ଦିର ପରିସରରେ ନମାଜ ପଢାଇବାକୁ ଚେଷ୍ଟା କରିଥିଲେ । ପୋଲିସ ନମାଜ ପଢିବାକୁ ଚେଷ୍ଟା କରୁଥିବା ଉକ୍ତ ଯୁବକକୁ ଅଟକ ରଖିଛି । ପୋଲିସ ଅଟକାଇବା ପରେ ସେ ସମ୍ପ୍ରଦାୟ ସମର୍ଥନରେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ଯୁବକ ଜଣକ କାଶ୍ମୀରର ଶୋପିଆନର ବାସିନ୍ଦା ଅହମ୍ମଦ ଶେଖ୍ ବୋଲି ଜଣାପଡିଛି । ମନ୍ଦିର ପରିସରରେ ଉପସ୍ଥିତ ଥିବା ଲୋକଙ୍କ କହିବାନୁସାରେ , ସୁରକ୍ଷା କର୍ମୀ ଯୁବକଙ୍କୁ ଅଟକ ରଖିବା ସମୟରେ ନାରାବାଜି ଆରମ୍ଭ କରିଦେଇଥିଲେ । ଫଳରେ ଉପସ୍ଥିତ ଥିବା ସୁରକ୍ଷା କର୍ମୀ ତାଙ୍କୁ ତୁରନ୍ତ ଅଟକାଇ ଥିଲେ । ଘଟଣା ସମ୍ପର୍କରେ ଗୁଇନ୍ଦା, ସ୍ଥାନୀୟ ପୋଲିସ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ତୁରନ୍ତ ଅବଗତ କରାଯାଇଥିଲା । ଯୁବକଙ୍କୁ ପଚରାଉଚରା କରାଯାଉଛି । ତାଙ୍କ କାର୍ଯ୍ୟ ପଛରେ କାରଣ ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି । ରିପୋର୍ଟ ଅନୁଯାୟୀ, ଅହମଦ ଶେଖ ଗେଟ୍ ଡି- ୧ ଦେଇ ମନ୍ଦିରରେ ପ୍ରବେଶ କରିଥିଲେ । ଯୁବକ ଜଣକ ରାମ ମନ୍ଦିର ପରିସରର ଦକ୍ଷିଣ ପ୍ରାଚୀରରେ ପ୍ରାର୍ଥନା କରୁଥିଲେ, ସେତେବେଳେ କିଛି ଲୋକ ତାଙ୍କୁ ଦେଖିପାରିଲେ । ସୁରକ୍ଷା କର୍ମୀମାନେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ଉତ୍ତେଜନା ପରେ, ସୁରକ୍ଷା ବାହିନୀ ଯୁବକଙ୍କୁ ଅଟକ ରଖିଥିଲେ। ଗୁଇନ୍ଦା ସଂସ୍ଥା, ପୋଲିସ ଏବଂ ବରିଷ୍ଠ ଅଧିକାରୀମାନେ ଯୁବକଙ୍କୁ ପଚରାଉଚରା କରୁଛନ୍ତି ।

# ଆତିଶୀଙ୍କ ନକଲି ଭିଡିଓ ସେୟାର କରି ଅଡୁଆରେ କପିଲ ମିଶ୍ରା

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଆମ ଆଦମୀ ପାର୍ଟି ନେତା ଆତିଶୀଙ୍କ ଏକ ଏଡିଟେଡ ଭିଡିଓ ପ୍ରସାରିତ କରିବା ଅଭିଯୋଗରେ ପଞ୍ଜାବର ଜଳନ୍ଧର ପୁଲିସ ଦିଲ୍ଲୀ ମନ୍ତ୍ରୀ କପିଲ ମିଶ୍ରା ଏବଂ ଅନେକ କଂଗ୍ରେସ ବିଧାୟକଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି । ଏହା ଯୋଗୁ ରାଜଧାନୀ ଦିଲ୍ଲୀର ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି । ପୁଲିସ ଅନୁସାରେ ଏହା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର । ଏହି ମାମଲାକୁ ନେଇ ରାଜଧାନୀ ଦିଲ୍ଲୀ ଏବଂ ପଞ୍ଜାବର ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଏକ ନୂଆ ବିବାଦ ଆରମ୍ଭ ହୋଇଛି । ଦିଲ୍ଲୀ ବିଧାନସଭାର ବିରୋଧୀ ଦଳ ନେତା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ମାର୍ଲେନାଙ୍କ ଏଡିଟେଡ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଇକବାଲ ସିଂହଙ୍କ ଅଭିଯୋଗ ଆଧାରରେ ଏନେଇ ଏକ ଏଫଆଇଆର ପଞ୍ଜିକୃତ ହୋଇଥିଲା । ସେ ଅଭିଯୋଗ କରିଥିଲେ ଯେ, ଆତିଶୀ ଭିଡିଓରେ ଧର୍ମୀ । ଭାବନାକୁ ଆଘାତ ଦେଇ ଗୁରୁମାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି । ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି, ଜଳନ୍ଧର ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଭିଡିଓ କ୍ଲିପରେ ଉତ୍ତେଜନାପୂର୍ଣ୍ଣ କ୍ୟାପସନ୍ ସଂଲଗ୍ନ କରାଯାଇଥିଲା । ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ କପିଲ ମିଶ୍ରଙ୍କ ଦ୍ୱାରା ସେୟାର କରାଯାଇଥିବା ଭିଡିଓକୁ ଡାଉନଲୋଡ୍ କରାଯାଇ ତଦନ୍ତ ପାଇଁ ପଞ୍ଜାବର ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଥିଲା । ଫୋରେନସିକ୍ ରିପୋର୍ଟରେ ସ୍ପଷ୍ଟ ଭାବରେ ଦର୍ଶାଯାଇଥିଲା ଯେ, ଭିଡିଓକୁ ଏଡିଟ୍ କରାଯାଇଥିଲା । ଭିଡିଟି ନକଲି ବୋଲି ଜଣାପଡ଼ିଥିଲା । ପୁଲିସ ତଦନ୍ତ ଅନୁସାରେ ଭିଡିଓରେ ଦର୍ଶାଯାଇଥିବା ପ୍ରସଙ୍ଗରେ ଆତିଶୀଙ୍କ ପ୍ରକୃତ ଭିଡିଓରେ ଗୁରୁ ଶବ୍ଦର ବ୍ୟବହାର କରାଯାଇ ନଥିଲା । କପିଲ ମିଶ୍ରାଙ୍କ ସହ ପୁଲିସ ପଞ୍ଜାବ କଂଗ୍ରେସ ବିଧାୟକ ସୁଖପାଲ ସିଂହ ଖୈରା ଏବଂ ପରଗତ ସିଂହଙ୍କୁ ବିରୋଧରେ ତଦନ୍ତ ଆରମ୍ଭ କରିଛି । ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ଏହି କାର୍ଯ୍ୟାନୁଷ୍ଠାନର କଡ଼ା ବିରୋଧ କରିଛନ୍ତି । ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଲେଖିଛନ୍ତି ଯେ ଏହି ଏଫଆଇଆର ଦ୍ୱାରା ଦିଲ୍ଲୀ ବିଧାନସଭାରେ ଗୁରୁ ତେଗ ବାହାଦୁର ସାହିବଙ୍କ ପ୍ରତି ଆତିଶୀଙ୍କ କଥିତ ଅପମାନ ଜନକ ମନ୍ତବ୍ୟକୁ ଘୋଡାଇବା ପାଇଁ ଏକ ପ୍ରୟାସ କରାଯାଉଛି । ଆମ ଆଦମୀ ପାର୍ଟି ସରକାର ନିଜ ନେତାଙ୍କ ଅପରାଧକୁ ଘୋଡାଇବା ପାଇଁ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରୁଛି ବୋଲି ରାଜା ୱାରିଂ ଅଭିଯୋଗ କରିଛନ୍ତି । ସେ ଚେତାବନୀ ଦେଇଛନ୍ତି ଯେ, ଶିଖ ସମ୍ପ୍ରଦାୟ ଏବଂ ପଞ୍ଜାବର ଲୋକମାନେ କାର୍ଯ୍ୟକୁ କେବେ କ୍ଷମା କରିବେ ନାହିଁ ।

## ଡୋଭାଲଙ୍କ ବିକଶିତ ଭାରତ ବାର୍ତ୍ତା

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଯୁବବର୍ଗଙ୍କୁ ବିକଶିତ ଭାରତ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି ଜାତୀୟ ସୁରକ୍ଷା ପରାମର୍ଶଦାତା । ଦେଶ ଅଟୋ ପାଇଲଟରେ ଚାଲିଲେ ବି ଏହା ବିକଶିତ ଭାରତ ହୋଇଯିବ । ନୂଆଦିଲ୍ଲୀରେ ବିକଶିତ ଭାରତ ୟଙ୍ଗ୍ ଲିଡର୍ସ ଡାଇଲଗ୍ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏଭଳି ବାର୍ତ୍ତା ଦେଇଛନ୍ତି । ଯୁବପିଢିକୁ ଡୋଭାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ଏଭଳି ଏକ ସ୍ଥିତିକୁ ନେଇଯାଇଛନ୍ତି ଯେ ଦେଶ ଅଟୋ ପାଇଲଟରେ ଚାଲିଲେ ବି ଏହା ବିକଶିତ ଭାରତ ହୋଇଯିବ । ଯୁବବର୍ଗଙ୍କୁ ଡୋଭାଲ କହିଥିଲେ, ମୋ କର୍ମକ୍ଷେତ୍ର ଅଲଗା, ମୋ ଅନୁଭବ ଅଲଗା । ମୋଠାରୁ ଅଧିକାଂଶ ଯୁବକଙ୍କ ବୟସ ମଧ୍ୟରେ ୬୦ ବର୍ଷରୁ ଅଧିକ ବ୍ୟବଧାନ ରହିବ । ଆଜି ଏତେ ସବୁ ବଦଳିଯାଇଛି ଯେ କଳ୍ପନା କରିବା କଷ୍ଟ । ତେବେ ଯୁବବର୍ଗଙ୍କ ନିଷ୍ପତ୍ତି ଓ କାମ ଦ୍ୱାରା ବିକଶିତ ଭାରତ ନିଶ୍ଚିତ ସମ୍ଭବ ବୋଲି ଡୋଭାଲ ଜୋର୍ ଦେଇ କହିଥିଲେ ।

# ପାକିସ୍ତାନ ସହିତ ହାତ ମିଳାଇବାର ସ୍ୱପ୍ନ ଦେଖୁଥିବା ଚୀନକୁ ଭାରତର ଜବାବ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଚୀନ୍-ପାକିସ୍ତାନ ସୀମା ଚୁକ୍ତିନାମା ନେଇ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି । ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ସେ କହିଛନ୍ତି, ଭାରତ କେବେ ବି ୧୯୬୩ ମସିହାର ଚୀନ୍-ପାକିସ୍ତାନ ସୀମା ଚୁକ୍ତିନାମାକୁ ସ୍ୱୀକାର କରିନାହିଁ । ସେ କହିଛନ୍ତି, ଭାରତ ଏହି



ଚୁକ୍ତିନାମାକୁ ବେଆଇନ ବୋଲି କହି ଆସୁଛି । ଭାରତ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡରକୁ ମଧ୍ୟ ସ୍ୱୀକାର କରେ ନାହିଁ ବୋଲି ସେ କହିଛନ୍ତି । ଏହି କରିଡର ପାକିସ୍ତାନ ବଳପୂର୍ବକ ଏବଂ ବେଆଇନ ଭାବରେ ଦଖଲ କରିଥିବା ଭାରତୀୟ ଅଞ୍ଚଳ ଦେଇ ଯାଇଥାଏ । ସେ କହିଛନ୍ତି, ଜମ୍ମୁ-କଶ୍ମୀର ଏବଂ ଲଦାଖର ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ସ୍ପଷ୍ଟ ଭାବରେ ପାକିସ୍ତାନ ଏବଂ ଚୀନ୍ ଉଭୟଙ୍କୁ ଅନେକ ଥର ଜଣାଇ ଦିଆଯାଇଛି । ଶାକ୍ସଗାମ୍ ଉପତ୍ୟକାରେ ବାସ୍ତବତାକୁ ପରିବର୍ତ୍ତନ କରିବାର ଯେକୌଣସି ପ୍ରୟାସ ବିରୋଧରେ ଭାରତ ପକ୍ଷରୁ ଚୀନର କାର୍ଯ୍ୟକଳାପର ପ୍ରତିବାଦ କରାଯାଉଥିଲେ ମଧ୍ୟ କୌଣସି ଫରକ୍ ପଡୁନାହିଁ । ଭାରତୀୟ ସେନା ନୂତନ ଝାରକଣ୍ଡ-ଆଗିଲ-ଶାକ୍ସଗାମ ରାସ୍ତା ଉପରେ ଗୁରୁତ୍ୱାରୋପ କରିଥାଏ । ଏହା ସିଆଚେନ ଏବଂ ସାଲଟୋରୋ ରିଜର ଉତ୍ତର ଭାଗରୁ ପ୍ରାୟ ୩୦ରୁ ୫୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ରହିଛି ।

# 'ନେତାନ୍ୟାହୁଙ୍କୁ ତୁର୍କୀ ବନ୍ଦୀ କରୁ ବୋଲି ପାକିସ୍ତାନୀ ପ୍ରାର୍ଥନା କରୁଛନ୍ତି'

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ପାକିସ୍ତାନ ରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅପହରଣ ଦାବି କରିଛନ୍ତି । ଏକ ଟିଭି ସାକ୍ଷାତକାରରେ ଖ୍ୱାଜା ଆସିଫ୍ କହିଛନ୍ତି, ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଆମେରିକା ଯେପରି ଧରି ନେଲା ନେତାନ୍ୟାହୁଙ୍କୁ ସେହିପରି ଅପରହଣ କରିନେବା ଦରକାର । ତୁର୍କୀ ମଧ୍ୟ ନେତାନ୍ୟାହୁଙ୍କ ଅପହରଣ କରିପାରିବ ଏ ନେଇ ପାକିସ୍ତାନ ପ୍ରାର୍ଥନା କରୁଛି । ଇସ୍ରାଏଲ ପିଏମ୍ ବେଞ୍ଜାମିନ୍ ନେତାନ୍ୟାହୁ ପାଲେଷ୍ଟାନୀୟଙ୍କ ବଡ଼ ଶତ୍ରୁ ବୋଲି କହିଛନ୍ତି ଖ୍ୱାଜା ଆସିଫ୍ । ସେ ଆହୁରି କହିଛନ୍ତି ଯେ, ତୁର୍କୀ ମଧ୍ୟ ନେତାନ୍ୟାହୁଙ୍କୁ ବନ୍ଦୀ କରିପାରିବ, ଏବଂ ପାକିସ୍ତାନୀମାନେ ଏଥିପାଇଁ ପ୍ରାର୍ଥନା କରୁଛନ୍ତି । ସାକ୍ଷାତକାରରେ ସେ ନେତାନ୍ୟାହୁଙ୍କୁ ମାନବତାର ସବୁଠାରୁ ବଡ଼ ଅପରାଧୀ ବୋଲି କହିଥିଲେ ଏବଂ ଦାବି କରିଥିଲେ ଯେ, ଗାଜାରେ ପାଲେଷ୍ଟାଇନୀମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଇତିହାସରେ କେବେ ବି ଦେଖିବାକୁ ମିଳିନାହିଁ ।



ଏକ ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ଏହି ବିବୃତ୍ତି ଦିଆଯାଇଥିଲା, ଯାହାର ଏକ କ୍ଲିପ୍ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଆସିଫ୍ ଏପରି ଅପରାଧୀଙ୍କୁ ସମର୍ଥନ କରୁଥିବା ଲୋକଙ୍କୁ ମଧ୍ୟ ପ୍ରଶ୍ନ କରିବା ଆରମ୍ଭ କଲେ । ସେ ପଚାରିଲେ, ଏପରି ଅପରାଧୀଙ୍କୁ ସମର୍ଥନ କରୁଥିବା ଲୋକଙ୍କ ବିଷୟରେ ଆଇନ କ'ଣ କୁହେ ? ଆଙ୍କର ହମିଦ ମୀର ବାଧା ଦେଇ ପଚାରିଲେ, ଆପଣ କ'ଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା କହୁଛନ୍ତି ? ଏହା ପରେ, ମୀର ଶୋ'କୁ ମଝିରେ ବନ୍ଦ କରିଦେଲେ ଏବଂ ବିରତି ମାଗିଲେ । ଇସ୍ରାଏଲ ସହିତ ପାକିସ୍ତାନର କୌଣସି ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନାହିଁ । ପାକିସ୍ତାନ ସର୍ବଦା ପାଲେଷ୍ଟାଇନ ଉଦ୍ଦେଶ୍ୟର ଏକ ଦୃଢ଼ ସମର୍ଥକ ହୋଇଆସିଛି । ଏହା ସହିତ, ପାକିସ୍ତାନର ଇରାନ୍ ସହିତ ଭଲ ସମ୍ପର୍କ ଅଛି, ଯାହା ଇସ୍ରାଏଲର ଶତ୍ରୁ । ଆନ୍ତର୍ଜାତୀୟ ଅପରାଧ ଅଦାଲତ ଗାଜାରେ ଅପରାଧ ପାଇଁ ନେତାନ୍ୟାହୁଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିସାରିଛି, ଏହି କଥା ଆସିଫ୍ ମଧ୍ୟ ସାକ୍ଷାତକାରରେ ଉଲ୍ଲେଖ କରିଛନ୍ତି ।

## ବର୍ବରତାର ସୀମା ଟପିଲେ ଖାମେନି

# ୨୧୭ ପ୍ରତିବାଦକାରୀଙ୍କୁ ଗୁଳି କରି ହତ୍ୟା

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଇରାନରେ ଇସଲାମିକ ଶାସନ ବିରୋଧରେ ଚାଲିଥିବା ପ୍ରତିବାଦ ଏକ ହିଂସାତ୍ମକ ପ୍ରତିବାଦରେ ପରିଣତ ହୋଇଛି । ଇରାନ ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷା ବାହିନୀ ଅନେକ ସ୍ଥାନରେ ଗୁଳି ଚଳାଇଥିବା ରିପୋର୍ଟ ସାମ୍ନାକୁ ଆସିଛି । ତେହେରାନର ଜଣେ ଡାକ୍ତର କହିଛନ୍ତି, ରାଜଧାନୀ ତେହେରାନର ଛଅଟି ହସ୍ପିଟାଲରେ ୨୧୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି । ମୃତକଙ୍କ ମଧ୍ୟରୁ ଅଧିକାଂଶ ଗୁଳି ମାଡ଼ରେ ପ୍ରାଣ ହରାଇଛନ୍ତି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏହି ପ୍ରତିବାଦ ପାଇଁ ଆମେରିକାକୁ ଦାୟୀ କରିଛନ୍ତି । ଯଦି ଏହି ମୃତ୍ୟୁ ସଂଖ୍ୟା ଠିକ୍ ହୋଇଥାଏ, ତେବେ ଏହା ଇରାନରେ ସରକାର ବିରୋଧୀ ପ୍ରତିବାଦର ଏକ ନିର୍ମମ ଦମନକୁ ସୂଚିତ କରୁଛି । ବିରୋଧ ଆରମ୍ଭ ହେବା ପରଠାରୁ ସରକାର ଦେଶରେ ଇଣ୍ଟରନେଟ୍ ଏବଂ ଫୋନ୍ ସଂଯୋଗକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ଡିସେମ୍ବର ୨୮ ତାରିଖରେ ଆର୍ଥିକ ସଙ୍କଟର ପ୍ରତିବାଦ କରି ଏହା ଆରମ୍ଭ ହୋଇଥିଲା । ଏବେ ଏହା ଦେଶର ସମସ୍ତ ୩୧ଟି ପ୍ରଦେଶକୁ ବ୍ୟାପିଛି । ଲୋକେ ରାସ୍ତାକୁ ଓହ୍ଲାଇ ଇସଲାମିକ ଶାସନକୁ କ୍ଷମତାରୁ ହଟାଇବାକୁ ଦାବି କରୁଛନ୍ତି । ପ୍ରତିବାଦକାରୀମାନେ ସ୍ୱାଧୀନତା ଏବଂ ଏକଛତ୍ରବାଦୀ ମୁର୍ଦ୍ଦାବାଦ ସ୍ଲୋଗାନ ଦେଉଛନ୍ତି । ଇରାନୀ ଡାକ୍ତର ଦାବି କରିଛନ୍ତି, ବିରୋଧ ଭୟଙ୍କର ହେବା ସହିତ, ସୁରକ୍ଷା ବାହିନୀ ଅନେକ ଅଞ୍ଚଳରେ ପ୍ରତିବାଦକାରୀଙ୍କ ଉପରେ ସିଧାସଳଖ ଗୁଳି ଚଳାଇଥିଲେ । ଶୁକ୍ରବାର ଦିନ ହସ୍ପିଟାଲରୁ ମୃତଦେହ ବାହାର କରାଯାଇଥିଲା । ମୃତକଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଥିଲେ । ଉତ୍ତର ତେହେରାନର ଏକ ପୁଲିସ ଷ୍ଟେସନ ବାହାରେ ମେସିନ୍ ଗନରୁ ଗୁଳି ଚାଳନା କରାଯିବାରୁ ଅନେକ ପ୍ରତିବାଦକାରୀ ଘଟଣାସ୍ଥଳରେ ଟଳି ପଡ଼ିଥିଲେ । ଏହି ଘଟଣାରେ ୩୦ ଜଣଙ୍କୁ ଗୁଳି କରାଯାଇଥିଲା । ଅଧିକାଂଶ ରାଲି ଶାନ୍ତିପୂର୍ଣ୍ଣ ରହିଥିଲା, କିନ୍ତୁ କିଛି ସରକାରୀ କୋଠାରେ ଭଙ୍ଗାରୁଜା ହୋଇଥିବା ରିପୋର୍ଟ ଆସିଛି । ଇରାନୀ ପ୍ରତିବାଦକାରୀମାନେ ତେହେରାନର ଅଲ-ରସୁଲ ମସଜିଦରେ ନିଆଁ ଲଗାଇ ଦେଇଛନ୍ତି । ମାନବାଧିକାର ସଂଗଠନଗୁଡ଼ିକ ଡାକ୍ତରଙ୍କ ଦାବି ଅପେକ୍ଷା ମୃତ୍ୟୁ ସଂଖ୍ୟା କମ୍ ଥିବା ରିପୋର୍ଟ କରିଛନ୍ତି । ୱାଶିଂଟନ୍ ସ୍ଥିତ ଏକ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା ଅନୁଯାୟୀ, ଏପର୍ଯ୍ୟନ୍ତ ୪୯ ଜଣ ସାଧାରଣ ନାଗରିକଙ୍କ ସମେତ ୬୩ ଜଣଙ୍କ ମୃତ୍ୟୁ ହୋଇଛି । ତଥାପି, ଇରାନରେ ସରକାର-ନିୟନ୍ତ୍ରିତ ଗଣମାଧ୍ୟମ ଏବଂ ବିଦେଶୀ ସମ୍ବାଦ ସଂସ୍ଥାଗୁଡ଼ିକ ଉପରେ କଡ଼ା କଟକଣା ଯୋଗୁ ମୃତ୍ୟୁ ସଂଖ୍ୟା ଭିନ୍ନ ଭିନ୍ନ ପ୍ରକାଶ ପାଇଛି। ଇରାନୀ ନେତୃତ୍ୱ ପ୍ରଦର୍ଶନକାରୀଙ୍କ ଉଦ୍ଦେଶ୍ୟରେ ଏକ କଠୋର ବାର୍ତ୍ତା ଜାରି କରିଛନ୍ତି । ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି କହିଛନ୍ତି, ଇସଲାମିକ୍ ଗଣରାଜ୍ୟ ଏଭଳି ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବ ନାହିଁ । ତେହେରାନର ପବ୍ଲିକ ପ୍ରସିକ୍ୟୁଟର ଚେତାବନୀ ଦେଇଛନ୍ତି, ପ୍ରତିବାଦକାରୀମାନେ ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇପାରନ୍ତି । ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆରଜିସି) ଅଧିକାରୀ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କୁ ପ୍ରଦର୍ଶନରୁ ଦୂରେଇ ରଖିବାକୁ କିମ୍ବା ଗୁଳି ଚାଳନା ହେଲେ ରିପୋର୍ଟ ନ କରିବାକୁ ଅନୁରୋଧ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାମେନିଙ୍କ ନେତୃତ୍ୱାଧୀନ ଇସଲାମିକ୍ ଶାସକଙ୍କୁ ଚେତାବନୀ ଦେଇଛନ୍ତି ଯେ, ଯଦି ପ୍ରତିବାଦକାରୀମାନଙ୍କୁ ହତ୍ୟା କରାଯାଏ ତେବେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ । ସୂଚନାଯୋଗ୍ୟ,ଇରାନର ଅର୍ଥନୀତି ଦୀର୍ଘ ଦିନ ଧରି ଚାପରେ ରହିଛି । ଦେଶ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡିତ ଥିବାରୁ ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କ ପକ୍ଷରୁ ଲାଗୁ ହୋଇଥିବା ପ୍ରତିବନ୍ଧକ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ୨୦୨୫ ଜୁନ୍ ମାସରେ ଇସ୍ରାଏଲ ସହିତ ୧୨ ଦିନିଆ ଯୁଦ୍ଧ ସହିତ ଆଞ୍ଚଳିକ ଉତ୍ତେଜନା ଯୋଗୁ ଦେଶର ପରିସ୍ଥିତି ଆହୁରି ଖରାପ ହୋଇ ପଡ଼ିଛି । ଇରାନର ମୁଦ୍ରା, ରିଆଲ,୨୦୨୫ ମସିହାରେ ଆମେରିକୀୟ ଡଲାର ତୁଳନାରେ ପ୍ରାୟ ଅଧା ମୂଲ୍ୟ ହରାଇଥିବା ଅର୍ଥ ବିଶେଷଜ୍ଞ ମତପୋଷଣ କରିଛନ୍ତି ।

## ନୀତିଶଙ୍କୁ ଦିଅ ଭାରତ ରତ୍ନ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ କେସି ତ୍ୟାଗୀ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପାଇଁ ଭାରତ ରତ୍ନ ଦାବି ପୁଣି ଥରେ ଉଠିବା ଆରମ୍ଭ କରିଛି । ବରିଷ୍ଠ ଜେଡିୟୁ ନେତା କେସି ତ୍ୟାଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନେଇ ଚିଠି ଲେଖିଛନ୍ତି । ଚିଠିରେ କେସି ତ୍ୟାଗୀ ଉଲ୍ଲେଖ କରିଛନ୍ତି, ସମାଜବାଦୀ ଆନ୍ଦୋଳନର ମହାନ ନେତା ନୀତିଶ କୁମାର ଭାରତ ରତ୍ନ ପାଇବାକୁ ଯୋଗ୍ୟ । ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ଉଚିତ । କେସି ତ୍ୟାଗୀ ତାଙ୍କ ଚିଠିରେ କର୍ପୁରୀ ଠାକୁର ଏବଂ ଚୌଧୁରୀ ଚରଣ ସିଂହଙ୍କ ନାମର ଉଦାହରଣ ଦେଇଛନ୍ତି । ସେ ଚିଠିରେ ଲେଖିଛନ୍ତି,



୩୦ ମାର୍ଚ୍ଚ ୨୦୨୪ ଆମ ପୂର୍ବପୁରୁଷମାନଙ୍କୁ ସମ୍ମାନ ଜଣାଇବାର ଦିନ। ଆପଣଙ୍କ ପ୍ରୟାସ ଯୋଗୁ ସେମାନଙ୍କୁ ଭାରତ ରତ୍ନର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଚୌଧୁରୀ ଚରଣ ସିଂହ ଏବଂ ସ୍ୱର୍ଗତ କର୍ପୁରୀ ଠାକୁର ସାର୍ବଜନୀନ ସେବାରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ, ସେମାନେ କୃଷକ ଏବଂ ଅବହେଳିତ ଗୋଷ୍ଠୀଙ୍କୁ ସଂଗଠିତ କରୁଥିଲେ । ଏପରିସ୍ଥଳେ ନୀତିଶ କୁମାରଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯିବା ଉଚିତ । ଏପରି ପଦକ୍ଷେପ ଗ୍ରହଣ କରାଗଲେ ଇତିହାସ ଆପଣଙ୍କ ପ୍ରୟାସକୁ ପ୍ରଶଂସା କରିବ । ସୂଚନାଯୋଗ୍ୟ, ନୀତିଶ କୁମାରଙ୍କ ପାଇଁ ଭାରତ ରତ୍ନ ଦାବି ନୂଆ ନୁହେଁ । ପୂର୍ବରୁ ବିଜେପି ନେତା ଏବଂ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଏଭଳି ଦାବି କରିଥିଲେ । ଡିସେମ୍ବର ୨୦୨୪ ରେ, ଗିରିରାଜ ସିଂହ ସାର୍ବଜନୀନ ଭାବରେ କହିଥିଲେ ଯେ, ନୀତିଶ କୁମାର ବିହାରର ବିକାଶ ପାଇଁ ଅଭୂତପୂର୍ବ କାର୍ଯ୍ୟ କରିଛନ୍ତି । ନୀତିଶ କୁମାରଙ୍କ ସହିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଗିରିରାଜ ଦାବି କରିଥିଲେ ।

# ଦିନ ଆସିବ ଜଣେ ହିଜାବ୍ ପିନ୍ଧା ମହିଳା ଦେଶର ପ୍ରଧାନମନ୍ତ୍ରୀ ହେବେ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ମହାରାଷ୍ଟ୍ରରେ ପୌର ନିର୍ବାଚନ ପାଇଁ ରାଜନେତାଙ୍କ ପ୍ରଚାର ଜୋରଦାର ହୋଇଛି । ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ରାଜନୈତିକ ଦଳର ନେତାମାନେ ଲୋଭନୀୟ ପ୍ରତିଶ୍ରୁତି ଏବଂ ବିଭିନ୍ନ ମନ୍ତବ୍ୟ ଦେବା ଜାରି ରଖିଛନ୍ତି । ସୋଲାପୁରରେ ପ୍ରଚାର ସମୟରେ ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱାଇସି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ଦେଶରେ ଏପରି ଏକ ଦିନ ଆସିବ ଯେତେବେଳେ ଜଣେ ହିଜାବ୍ ପିନ୍ଧିଥିବା ମହିଳା ଦେଶର ପ୍ରଧାନମନ୍ତ୍ରୀ ହେବେ । ଓୱାଇସି ପାକିସ୍ତାନୀ ସମ୍ବିଧାନର ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ପାକିସ୍ତାନୀ ସମ୍ବିଧାନରେ କେବଳ ଗୋଟିଏ ସମ୍ପ୍ରଦାୟର ବ୍ୟକ୍ତି ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀ ହୋଇପାରିବେ ବୋଲି ଉଲ୍ଲେଖ ଅଛି । ତେବେ ଭାରତୀୟ ସମ୍ବିଧାନ ସମସ୍ତ ସମ୍ପ୍ରଦାୟର ଲୋକଙ୍କ ପାଇଁ ସମାନ ସ୍ଥାନ ପ୍ରଦାନ କରାଯାଇଛି । ଶାସକ ଦଳକୁ ଟାର୍ଗେଟ କରି ସେ କହିଛନ୍ତି,ଦେଶରେ ଯେଉଁ ଘୃଣା ସୃଷ୍ଟି କରାଯାଉଛି ତାହା ଆଉ ଅଧିକ ଦିନ ଚାଲିବ ନାହିଁ। ଏଭଳି କରୁଥିବା ଦଳ ଧ୍ୱଂସ ପାଇଯିବେ। ସେ କହିଛନ୍ତି, ସୋଲାପୁରରେ ବହୁ ସମସ୍ୟା ରହିଛି। କିନ୍ତୁ ଶାସକ ଦଳର ସେସବୁ ପ୍ରତି କୌଣସି ସମ୍ପର୍କ ନାହିଁ। ବିଜେପି, ସିନ୍ଦେ ଏବଂ ଅଜିତ ପାୱାର ମହାରାଷ୍ଟ୍ରର ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଏହା ଆଉ ବେଶୀ ଦିନ ଚାଲିବ ନାହିଁ । ଫଡନଭିସ୍, ସିନ୍ଦେ ଏବଂ ପାୱାର ରାଜନୀତି କରୁନାହାନ୍ତି, ବରଂ ଘୃଣା ଉପରେ ଆଧାରିତ ଶାସନ କରୁଛନ୍ତି । ସେମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ବନ୍ଧୁ ନୁହଁନ୍ତି। ସେମାନଙ୍କୁ ଦୁର୍ବଳ କରିବାକୁ ଶାସକ ଚାହୁଁଛନ୍ତି । ସେମାନେ ଦଳିତମାନଙ୍କୁ ସେମାନଙ୍କର ଅଧିକାର ଦେବାକୁ ଚାହାଁନ୍ତି ନାହିଁ, ବରଂ ସେମାନଙ୍କୁ ସେଥିରୁ ବଞ୍ଚିତ କରୁଛନ୍ତି । ସେମାନେ ଚାଷୀଙ୍କ ପାଇଁ କିଛି କରୁନାହାଁନ୍ତି । ତେଣୁ ରାଜ୍ୟରେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି।

# 'ସିନ୍ଦୂର' ମାଡ଼ରେ ପାକର ସମ୍ବିଧାନ ବଦଳିଥିଲା

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଅପରେସନ୍ ସିନ୍ଦୂର ମାଡ଼ରେ ଆଣ୍ଠେଇଥିଲା ପାକିସ୍ତାନ । ସିନ୍ଦୂର ପ୍ରହାରରେ ଆତଙ୍କୀସ୍ଥାନକୁ ଧୋଇଥିଲା ଭାରତ । ତେଣୁ ବାଧ୍ୟ ହୋଇ ପାକିସ୍ତାନ ତାର ସୈନ୍ୟ ଏବଂ ସମ୍ବିଧାନ ପ୍ରଣାଳୀକୁ ବଦଳାଇଥିଲା । ପାକିସ୍ତାନର ସାମ୍ବିଧାନିକ ସଂଶୋଧନ ଏହାର ପ୍ରମାଣ ଯେ ଏହି ଅଭିଯାନ ତାକୁ ଗଭୀର କ୍ଷତି ପହଞ୍ଚାଇଛି । ପୁଣେ ପବ୍ଲିକ ପଲିସି ଫେଷ୍ଟିଭାଲରେ ଯୋଗ ଦେଇ ଏମିତି କହିଛନ୍ତି ଦେଶର ଚିଫ୍ ଅଫ୍ ଡେଫେନ୍ସ ଷ୍ଟାଫ୍ ଅନୀଲ ଚୌହାନ । ସିଡିଏସ୍ ସ୍ପଷ୍ଟ କରିଛନ୍ତି କି, ଅପରେସନ୍ ସିନ୍ଦୂର ବର୍ତ୍ତମାନ ପଞ୍ଚରେ ରହିଛି । ଏହା ପାକିସ୍ତାନର ତ୍ରୁଟି ଏବଂ ସୈନ୍ୟ ଦୁର୍ବଳତାକୁ ପଦାରେ ପକାଇଛି। ପାକିସ୍ତାନ ଏହାର ସମ୍ବିଧାନର ଧାରା ୨୪୩ ସଂଶୋଧନ କରି ଯୁଗ୍ମ ମୁଖ୍ୟ ଷ୍ଟାଫ କମିଟିର ଅଧ୍ୟକ୍ଷ ପଦବୀକୁ ରଦ୍ଦ କରିଛି । ଏହି ପଦବୀରେ ତିନି ସଶସ୍ତ୍ର ବାହିନୀ ମଧ୍ୟରେ ଉତ୍ତମ ସମନ୍ୱୟକୁ ସୁଗମ କରିବା ପାଇଁ ସୃଷ୍ଟି କରାଯାଇଥିଲା । ଏହା ସ୍ଥାନରେ ପ୍ରତିରକ୍ଷା ବାହିନୀ ମୁଖ୍ୟଙ୍କ ନୂଆ। ପଦବୀ ତିଆରି କରାଯାଇଛି । ପ୍ରତିରକ୍ଷା ବାହିନୀ ମୁଖ୍ୟ ପଦବୀ କେବଳ ସେନା ମୁଖ୍ୟଙ୍କ ସୁପାରିଶରେ ଗଠିତ ହେବ ଯାହା ସଂଯୁକ୍ତାର ଭାବନା ବିରୋଧ ଏବଂ ଶାନ୍ତି କେନ୍ଦ୍ରୀକରଣକୁ ଦର୍ଶାଉଛି । ଏବେ ପାକିସ୍ତାନ ସେନାମୁଖ୍ୟ କେବଳ ସ୍ଥଳ ସାମରିକ ଅଭିଯାନ ପାଇଁ ଦାୟୀ ରହିବେ ନହିଁ ବଂର ନୌସେନା, ବାୟୁସେନା ଏବଂ ପରମାଣୁ ଏବଂ ରଣନୈତିକ ମାମଲା ଉପରେ ମଧ୍ୟ ତାଙ୍କର ନିୟନ୍ତ୍ରଣ ରହିବ ଯାହା କ୍ଷମତାର କେନ୍ଦ୍ରୀକରଣ ଦିଗରେ ବଡ଼ ପଦକ୍ଷେପ । କହି ରଖୁଛୁ କି, ଗତବର୍ଷ ଏପ୍ରିଲରେ ପହଲଗାମର ବୈସରନ ଘାଟିରେ ଆତଙ୍କବାଦୀ ହମଲା ହୋଇଥିଲା । ଯେଉଁଥିରେ ୨୬ ନାଗରିକଙ୍କର ମୃତ୍ୟୁ ହୋଇଥିଲା । ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାକୁ ଅପରେସନ୍ ସିନ୍ଦୂର ଲଞ୍ଚ କରିଥିଲା ଭାରତୀୟ ସେନା । ମେ ୬ ଏବଂ ୭ ତାରିଖ ବିଳମ୍ବିତ ରାତିରେ ଅପରେସନ୍ ସିନ୍ଦୂର ଲଞ୍ଚ କରି ପିଓକେ ସମେତ ୯ ଆତଙ୍କୀ ଆଡ୍ଡାରେ ଆକ୍ରମଣ କରିଥିଲା । ଯେଉଁଥିରେ ୧୦୦ରୁ ଅଧିକ ଆତଙ୍କୀ ନିପାତ ହୋଇଥିଲେ । ଅପରେସନ୍ ସିନ୍ଦୁର ଭାରତକୁ ଉଚ୍ଚ ପ୍ରତିରକ୍ଷା ସଂଗଠନ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଶିକ୍ଷା ପ୍ରଦାନ କରିଛି । ଉରି ସର୍ଜିକାଲ୍ ଷ୍ଟ୍ରାଇକ୍, ଡୋକଲାମ୍, ଗାଲୱାନ୍ ଏବଂ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ପରି ଆକ୍ସନରୁ ଅଭିଜ୍ଞତା ହାସଲ କରି ଭାରତ ଏକ ଷ୍ଟ୍ରେଟ୍ ଜ୍ୟାକେଟେଡ୍ ଜଏଣ୍ଟ ଥିଏଟର କମାଣ୍ଡ ସିଷ୍ଟମ୍ ଆଡକୁ ଅଗ୍ରସର ହେଉଛି । ଏହି ସିଷ୍ଟମ୍ ମେ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି ସିଡିଏସ୍ ।



## କସ୍ତୁରବା ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ



ପିପିଲି,୧୧।୧ (ନି.ପ୍ର): ପିପିଲିସ୍ଥିତ କସ୍ତୁରବା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । କ୍ରୀଡ଼ାବିତ ମାନେ ହନୁମାନ ମନ୍ଦିର ରୁ ମସାଲ ଆଣିବା ପରେ ପ୍ରତିଯୋଗିତା ଉଦଘାଟିତ ହୋଇଥିଲାୟ ମୁଖ୍ୟ ଅତିଥି ମହାବିଦ୍ୟାଳୟ ସମ୍ପାଦିକା ସୁମିତ୍ରା ବେହେରା ଏବଂ ମହାବିଦ୍ୟାଳୟ ଅଧକ୍ଷା କେ ଗୀତାରାଣୀ ଏହାକୁ ଅକ୍ଷନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରତିଯୋଗୀ ମାନଙ୍କୁ କ୍ରୀଡାର ଉପକାରିତା ଉପରେ ପରାମର୍ଶ ଦେଇଥିଲେ। କ୍ରୀଡା ଶିକ୍ଷୟତ୍ରୀ ଗୃହଲକ୍ଷ୍ମୀ ରାଉତରାୟ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଛାତ୍ରୀ ମାନଙ୍କ ମଧ୍ୟରେ ଦୌଡ଼, ପୁଚି, ଲମ୍ବା ଡିଆଁ, ହାଇ ଜମ୍ପ, ଡିସ୍କସ ଥ୍ରୋ, ଅଖା ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। କ୍ରିଡା ଶିକ୍ଷକ ଉମେଶ ଶତପଥୀ, ସରସ୍ୱତୀ ସ୍ୱାଇଁ ଏବଂ ଜଗନ୍ନାଥ ପ୍ରଧାନ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଯୋଗମାୟା ସାହୁ, ରଞ୍ଜୁବାଳା ସାହୁ, ମଳୟ ପଣ୍ଡା, ଦିଲ୍ଲୀପ ବେହେରା, ସୁଶାନ୍ତ ପରିଡା, ସଜନୀ ସିଂ, ବିନୋଦିନୀ ବଳବନ୍ତରାୟ ପ୍ରମୁଖ ଏହି ପ୍ରତିଯୋଗିତା କୁ ପରିଚାଳନା କରିଥିଲେ।

## ଯାଜପୁର ଲୋକକଳା ମହୋତ୍ସବ ଉଦଯାପିତ



ଯାଜପୁର, ୧୧।୧ (ନି.ପ୍ର): ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସପ୍ତମ ବାର୍ଷିକ ଉତ୍ସବ ଓ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବ ଉଦଯାପିତ ହୋଇଯାଇଛି। ସମ୍ପାଦକ ଅଭିମନ୍ୟୁ ମିଶ୍ରଙ୍କ ସଭାପତିତ୍ୱରେ ଉଦଯାପନି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁଲେଖ ବନ୍ଦୋବସ୍ତ ର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ କଳା ସଂସ୍କୃତିକୁ ବଂଚାଇ ରଖିବା ପାଇଁ ଅନ୍ୱେଷଣ ଥିଏଟର ଗ୍ରୁପର ଏଭଳି ଉଦ୍ୟମ କୁ ପ୍ରାସଂଶା କରିଥିଲେ । ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂପତି ଭୂଷଣ ମିଶ୍ର, ବିଶିଷ୍ଟ ଅତିଥି ଭାବେ ଯାଜପୁର ପୌରପାଳିକାର ପୌରାଧକ୍ଷା ରଞ୍ଜୁଲତା ହୋତା, ବରେଣ୍ୟ ଅତିଥି ଭାବେ ପୌର ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପଦ୍ମାକର ଗୁରୁ, ଫ୍ରିଡମ ଅଏଲ ର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ, ସଭାପତି ବୃନ୍ଦାବନ ମିଶ୍ର ପ୍ରମୁଖ ଯୋଗ ଦେଇ କଳା, ସଂସ୍କୃତି ବଂଚି ରହିଲେ ସମାଜ ବଂଚି ରହିବ, ଯାଜପୁର ମାଟି କଳା, ସଂସ୍କୃତିର ମାଟି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାନ୍ଧୀବାଦୀ ତଥା ସମାସେବୀ ନିସିତ୍ କୁମାର ଦାସ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ ସୁନାମ ଆଣିଥିବା ବ୍ୟକ୍ତି ବିଶେଷଙ୍କୁ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଗରିବ ଅସହାୟ କ୍ୟାନ୍ସର ପୀଡିତ ଙ୍କୁ ସାହାଯ୍ୟ ନିମନ୍ତେ ସଂଗ୍ରହ କରାଯାଇଥିବା ହୁଣ୍ଡି ଭଙ୍ଗା ଯାଇଥିଲା। ସନ୍ଧ୍ୟାରେ ଓଡ଼ିଆ ସାହିତ୍ୟ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ନାଟକ ମଂଚସ୍ଥ ହେବ ସହ ପାରମ୍ପାରିକ ନୃତ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶୀତ ହୋଇଥିଲା ।

## ହକି ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ



କୁଚିଣ୍ଡା,୧୧।୧(ନି.ପ୍ର.): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ମୁକୁନ୍ଦି ପଡ଼ିଆରେ ଆଗାମୀ ତାରିଖ ୨୩ ଓ ୨୪ ଜାନୁଆରୀ ରେ କୁଚିଣ୍ଡା ଅନୁସୂଚିତ ଜାତି ଓ ଜନଜାତି ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦୁଇ ଦିବସୀୟ ହକି ଟୁର୍ଣ୍ଣାମେଣ୍ଟ ପାଇଁ ଆଜି କେନ୍ଦୁପତ୍ର ଶ୍ରମିକ ଭବନରେ ସଂଘର ସମ୍ପାଦକ ଶ୍ରୀ ମନୋରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବହୁ ଆଲୋଚନା ଓ ବିଚାର ବିମର୍ଶ ପରେ ଟୁର୍ଣ୍ଣାମେଣ୍ଟ ସଂଘର ସକ୍ରାୟ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଗଲା। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ହକି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଅଞ୍ଚଳର ମହିଳାଙ୍କ ମଧ୍ୟରେ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜାନୁୟାରୀ ୨୩ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଶହୀଦ ମାଧୋ ସିଂହ ହକି ଏକାଡେମୀ ଓ ବାମରା ଘନଘୋସା ଏଚପିସି ମଧ୍ୟରେ ଏକ ପ୍ରଦର୍ଶନୀ ହକି ଖେଳ ଅନୁଷ୍ଠିତ ହେବ ବୋଲି ଚୁଡାନ୍ତ ହୋଇଛି। ବୈଠକରେ ଜନ କାମିଲ ଲାକ୍ରା, ସୁଜିତ ବୁଡ୍ରା,ଅରୁଣ ନାୟକ, ସୁଶୀଲ କିସାନ, ଯୁଧିଷ୍ଠିର କିସାନ,ଲିଙ୍ଗରାଜ ବାଘ,ରଞ୍ଜନ ନାୟକ, ପିତାମ୍ବର ମାଝୀ, ହିମାଂଶୁ ଅମାତ, ଚୁନା ମହାନନ୍ଦ, ସୁବ୍ରତ କାଉ ପ୍ରମୁଖ ଉପସ୍ଥିତ ରହି ଖେଳ ସୁଚାରୁ ରୂପେ ସମ୍ପାଦନ ସକାଶେ ନିଜର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ।

## ତମସା କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ଉପକରଣ କର୍ମଶାଳା ଅନୁଷ୍ଠିତ



ମାଲକାନଗିରି, ୧୧।୧ (ନି.ପ୍ର): ମାଲକାନଗିରି ବ୍ଲକ ତମସା ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ରର ତ୍ରିଦିବସୀୟ ଟି ଏଲ୍ ଏମ୍ କର୍ମଶାଳା ସ୍ଥାନୀୟ ତମସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ତା ୦୮/ ୦୧/୨୦୨୬ରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ୧୦/୦୧/୨୬ ରେ ସମାପ୍ତ ହୋଇଛି । ଉଦଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ତମସା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ମନିସା ଦାସ, ମୁଖ୍ୟ ବକ୍ତା ଭାବେ ତମସା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅମୃତଲାଲ ସରକାର ଉପସ୍ଥିତ ରହି କର୍ମଶାଳାର ଉଦ୍ଘାଟନ କରିବା ସହ ସ୍ୱଳ୍ପ ଖର୍ଚ୍ଚ କିମ୍ବ ବିନା ଖର୍ଚ୍ଚ ରେ କିପରି ଟି ଏଲ୍ ଏମ୍ ପ୍ରସ୍ତୁତ କରି ହେବ ଏବଂ ଶ୍ରେଣୀ କୋଠରୀରେ ପିଲାମାନଙ୍କ ଶିକ୍ଷଣ କାର୍ଯ୍ୟରେ ଟି ଏଲ୍ ଏମ୍ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇଥିଲେ। ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆକର୍ଷଣୀୟ, ଆନନ୍ଦଦାୟକ ଓ ଦୀର୍ଘ ସ୍ଥାୟୀ ହେବା ପାଇଁ ଟି ଏଲ୍ ଏମ୍ ର ଆବଶ୍ୟକତା ଅପରି ହାର୍ଯ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ ଯ ତିନିଦିନ ଧରିଚାଲିଥିବା କର୍ମଶାଳା ଆଜି ୧୦/୦୧/୨୬ ରେ ଉଦଯାପିତ ହୋଇଛି । ଏହି ତିନିଦିନରେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶଗ୍ରହଣ କରି ଗଣିତ, ଭାଷା, ଇଂରାଜୀ ବିଭାଗରୁରୁ ଟି ଏଲ୍ ଏମ୍ ପ୍ରସ୍ତୁତ କରି ପାରିଛନ୍ତି। ଶିକ୍ଷକ ଯୋଗେନ୍ଦ୍ର ନାଥ ସାହୁ, ବୃନ୍ଦାବନ ଭୋଇ, ଦେବାଶିଷ ପାଲ, ଶିକ୍ଷୟିତ୍ରୀ ସବିତା ସରକାର, ମଧୁସ୍ମିତା ହାଲଦାର, ରଞ୍ଜିତା ଦାସ, ଶୁବ୍ରତା ମାରାଣ୍ଡି, ପ୍ରଜ୍ଞା ସାମଲ, ପ୍ରଜ୍ଞାପାରମିତା ବାରିକ, ଜମୁନା ପଣ୍ଡା ଆଦି ଉପସ୍ଥିତ ରହି ଶିକ୍ଷଣ ଉପକରଣ ପ୍ରସ୍ତୁତି ସହ ପିଲା ମାନଙ୍କ ଦୈନନ୍ଦିନ ଶିକ୍ଷଣରେ ସହଯୋଗୀ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଶେଷରେ ତମସା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଟ୍ଟନାୟକ ସମସ୍ତ ଟି ଏଲ୍ ଏମ୍ କୁ ତଦାରଖ କରି ଉପକରଣ ଗୁଡ଼ିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପାଇଁ ବେସ ଉପାଦେୟ ବୋଲି ମତ ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଦୁଇଟି ଉତ୍ତମ ଟି ଏଲ୍ ଏମ୍ କୁ ବ୍ଲକ୍ ସ୍ତରକୁ ମନୋନୀତ କରିଥିଲେ।

## ବାଦାମବାଡି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ବହୁମୁଖୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




କଟକ, ୧୧।୧ (ନି.ପ୍ର) : ଓଡିଶା ସରକାରଙ୍କ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ପ୍ରବର୍ତ୍ତନକ୍ରମେ କଟକସ୍ଥ ବାଦାମବାଡି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ନିୟୁ କଲୋନୀ ହାଇସ୍କୁଲ ପରିସରରେ ଏକ ବହୁମୁଖୀ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାର୍ମାସି ଅଧିକାରୀ ଜଗନ୍ନାଥପ୍ରସାଦ ଦାଶଙ୍କ ସଂଯୋଜନାକ୍ରମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୁର୍ଗେଶନନ୍ଦିନୀ ଦାସ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ମର୍ସି ମହାନ୍ତି ଯୋଗଦେଇ ସ୍ୱାସ୍ଥ୍ୟର ସୁସ୍ଥତା ନିମିତ ଜଳସଂରକ୍ଷଣ ବଜାୟ ରଖିବା ସହ ବାୟୁ ପ୍ରଦୂଷଣର ବିବିଧ କାରକ ଓ କାରଣ ଗୁଡିକ ଜାଣି ତାହାର ନିରାକରଣ କରାଇବା ପାଇଁ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରକୃତି ଓ ପରିବେଶର ପରିଚ୍ଛନ୍ନତାରେ ପରିମଳର ସୁସ୍ଥତାକୁ ପ୍ରାଥମିକତା ଦେବା ସହ ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବିଜ୍ଞାନ ସମ୍ମତ ସମୟାନୁକ୍ରମେ ହାତ ଧୋଇବା ସହ ସମନ୍ୱିତ ଖାଦ୍ୟାଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମମତା ମିଶ୍ର, ରଶ୍ମିତା ଚୌଧୁରୀ, କବିନ୍ଦ୍ର କୁମାର ନାୟକ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମର ସକରାତ୍ମକ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଉପରୋକ୍ତ ବହୁମୁଖୀ ସ୍ୱାସ୍ଥ୍ୟ ସଚେତନତା ନିମିତ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉପସ୍ଥିତ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଉକ୍ତ ଏକଦିବସୀୟ କାର୍ଯ୍ୟକ୍ରମକୁ ମେଡିକାଲର ଜନସ୍ୱାସ୍ଥ୍ୟ ପରିଚାଳକ ସରୋଜ କୁମାର ମିଶ୍ର, ନର୍ସି ଅଧିକାରିଣୀ କୁମାରୀ ପ୍ରିୟଦର୍ଶିନୀ ପଣ୍ଡା, ହିସାବରକ୍ଷକ ବାସୁଦେବ ଦାସ, ସହାୟକ ଉମେଶ ସେଠୀ ପ୍ରମୁଖ ସକ୍ରିୟ ପରିଚାଳନାରେ ସହଯୋଗ କରିଥିଲେ।

## ଟାଟା ପାୱାରର ମନମାନି ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର

ପାରାଦ୍ୱୀପ, ୧୧।୧ (ନି.ପ୍ର) : ଟାଟା ପାୱାର ସ୍ମାର୍ଟ ମିଟର ବସାଇବା ଏବଂ ଅହେତୁକ ବିଦ୍ୟୁତ ବିଲ୍ ର ପ୍ରତିବାଦ କରି ପାରାଦ୍ୱୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘ ଶୁକ୍ରବାର ଦିନ କପିଳମୁନି ଆଶ୍ରମ ଠାରୁ ଏକ ଶୋଭାଯାତ୍ରା ବାହାରି ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ପାରାଦ୍ୱୀପ ବିଦ୍ୟୁତ ଉପଭୋକ୍ତା ସଙ୍ଘର ସଭାପତି ଧ୍ରୁବ ଚରଣ ମହାପାତ୍ର ସରକାର ଟାଟା ପାୱାର (ଟିପିସିଡ଼ିଏଲ) କୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଦେଇଥିବା ରାଜ୍ୟ ସରକାରଙ୍କ ଜନ ବିରୋଧି ଶୋଷଣ ନିତିକୁ ତିକ୍ତ ସମାଲୋଚନା କରି କହିଛନ୍ତି ଯେ ଜଳ ବିଦ୍ୟୁତ ଓ ତାପଜ ବିଦ୍ୟୁତ ଆମଦାନୀରେ ବଳକା ରାଜ୍ୟ ତାମିଲନାଡୁ, ଦିଲ୍ଲୀ, ପଶ୍ଚିମବଙ୍ଗ ଆଦି ରାଜ୍ୟ ଓଡ଼ିଶା ଠାରୁ ବିଦ୍ୟୁତ କ୍ରୟ କରି ଖାଉଟିଙ୍କୁ କମ୍ ଦାମରେ ଦେଉଥିବା ବେଳେ ଓଡ଼ିଶା ସରକାର ବୋଝ ଉପରେ କୋରଡ଼ ମାଡ଼ କରି ଚାଲିଛନ୍ତି। ଟାଟା ପାୱାର କେଉଁ ଭଳି ଭାବରେ ଦ୍ୟୁତ ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଯୁଦ୍ଧ କାଳୀନ ଭିତିରେ ଏହାର ପ୍ରତିକାର କରନ୍ତୁ ବୋଲି ସଙ୍ଘ ପକ୍ଷରୁ ଦାବୀ କରାଯାଇଛି। ଏହି ରାଲି ରେ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସଙ୍ଘ ର ଆବାହକ ବାବୁ ରାମ ଚୌଧୁରୀ, ମହିଳା କଲ୍ୟାଣ ଟ୍ରଷ୍ଟ ର ସଭାନେତ୍ରୀ ଉର୍ମିଳା ମହାନ୍ତି, ସମାଜସେବୀ ପ୍ରେମଲତା ବାରିକ, ମୋନାଲିସା ସାହିତ୍ୟ ସଂସଦ ର ସମ୍ପାଦିକା ସଙ୍ଘମିତ୍ରା ସ୍ୱାଇଁ,ସୁରେଖା ପ୍ରିୟ ଦର୍ଶନୀ ପଣ୍ଡା, ସୁବାସ ଚନ୍ଦ୍ର ରାଉତ, ଦିଗାମ୍ବର ସାହୁ ଓ ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ନିଜ ଟାଟା ପାୱାର ର ମନାମାନୀ ବିରୋଧରେ ବିକ୍ଷୋଦଗାର କରିଥିଲେ।

## ପୂର୍ତ୍ତରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ପ୍ରଶସ୍ତିକରଣ : ବେପରୁଆ ଠିକାଦାର

ଧାମନଗର, ୧୧।୧ (ନି.ପ୍ର): ଧାମନଗର ଛକ ୧୬ ଜାତୀୟ ରାଜପଥ ଠାରୁ ଧାମନଗର ପର୍ଯ୍ୟନ୍ତ ଦୀର୍ଘ ୧୦ କିଲୋମିଟର ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାକୁ ଠିକାଦାର ବେପରୁଆ ଭାବରେ ରାସ୍ତାର ବାମ ପାଖ ପ୍ରାୟ ୧୦କିଲୋମିଟର ପର୍ଯ୍ୟନ୍ତ ରାସ୍ତାକୁ ମେସିନ ଦ୍ୱାରା ତାଡିଦେଇ ବିପଦପୂର୍ଣ୍ଣ ଅବସ୍ଥାରେ ଯେଉଁ ଭଳି ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରତ୍ୟକଦିନ ଯିବା ଆସିବା କରୁଥିବା ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପୂର୍ବରୁ ରକ୍ଷଣା ବେକ୍ଷଣ ଅଭାବରୁ ଖାଲ ଖମାରେ ମରଣଯନ୍ତା ପାଲଟିଥିଲା। ଚାରି ମାସ ତଳେ ପ୍ରଶସ୍ତିକରଣ ଆଳରେ ହଜାର ହଜାର ଗଛ କଟାହେଲା ମାତ୍ର ରାସ୍ତା ଅବସ୍ଥାର ପରିବର୍ତ୍ତନ ହେଲାନାହିଁ। ଗତ ଅକ୍ଟୋବର ୨୮ ଓ ୨୯ ତାରିଖରେ ଧାମନଗର ଖାନକା ସରିଫରେ ପ୍ରସିଦ୍ଧ ଉର୍ଷ ପର୍ବ ଥିବା ସ୍ୱେ ଏହାର ସ୍ଥାୟୀ ସମାଧାନ କରାନଯାଇ ଖାଲ ଖମାରେ ଥିବା ସ୍ଥାନରେ ଡଷ୍ଟ ପକାଇଦେଇ ଦାୟିତ୍ୱ ସାରିଦେଲେ ଯନ୍ତ୍ରୀ ମହାଶୟ। ପରବର୍ତୀ ସମୟରେ ବାତ୍ୟା ମେନ୍ଥାର ପ୍ରଭାବରେ ଲଗାତାର ୩ ଦିନ ବର୍ଷା ଓ ଉର୍ଷ ପର୍ବ ପାଇଁ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଚଳାଚଳ ଫଳରେ ଡଷ୍ଟ ଗୁଡ଼ିକ ବୋହିଗଲା। ଫଳରେ ରାସ୍ତାରେ ଯେତିକି ଖାଲ ଥିଲା ତାର ତିନିଗୁଣା ଗାଡ଼ ସୃଷ୍ଟି ହେଲା। ବର୍ଷା ଛାଡ଼ିଯିବା ପରେ ରାସ୍ତା ଶୁଖି ଯିବାରୁ ଏବେ ଗାଡ଼ିଟିଏ ଗଲେ ଧୂଳି ଉଡ଼ି ପଥଚାରୀଙ୍କୁ ବେହାଲ କରୁଛି। ଗତ ଏକ ସପ୍ତାହ ତଳେ ଏହି ରାସ୍ତାର ପ୍ରଶସ୍ତିକରଣ ଆରମ୍ଭହେଲା। ପିଚୁ ଠାରୁ ରାସ୍ତାର ପ୍ରାୟ ୮ ଫୁଟ ପ୍ରଶସ୍ତିକରଣ ଆଳରେ ମାଟିତଡା ହେଉଛି। ରାସ୍ତା କଡ଼ ଗାଡ଼ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ସେଥି ମଧ୍ୟରେ ଥିବା ଶହ ଶହ ଗଛର ମୂଳ ଗଣ୍ଡି ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ରାତ୍ର ସମୟରେ ଅସାବଧାନତା ବଶତଃ ଯଦି ଗାଡ଼ିଟିଏ ରାସ୍ତା କଡ଼କୁ ଚାଲିଯାଏ ସେତେବେଳ ଏହି ଗଛ ମୂଳ ଗଣ୍ଡିଟି ଧନ ଜୀବନ ହାନି ପାଇଁ ଅଧିକ ବିପଦ ସାଜିବ। ରାସ୍ତା କଡ଼ ତଡ଼ା ଯାଇଥିଲେ ମଧ ତା କଡ଼ରେ ଆରୋହୀଙ୍କ ପାଇଁ ବିପଦ ସୂଚନା ଫିତା ବନ୍ଧା ଯାଇନାହିଁ। ଏହା ଠିକାଦାର ଦୁରଦୃଷ୍ଟି ଅଭାବ ଅବା ବେପରୁଆ ଭାବକୁ ସୂଚିତ କରୁଛି। ଭଦ୍ରକ ଜିଲ୍ଲାପାଳ,ରାଜ୍ୟ ପୂର୍ତ୍ତ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଖୋଳା ଯାଉଥିବା ଫୁଟ ଗାଡ଼ରୁ ଗଛ ମୂଳ ଉପାଡିବା ସହ ରାସ୍ତା ପାର୍ଶ୍ୱକୁ ଡଷ୍ଟ ପକାଇ ପୋତିବା ସହ ରାସ୍ତା କଡ଼ରେ ବିପଦ ସୂଚନା ଫିତା ବାନ୍ଧିବାକୁ ଯଥାଶୀଘ୍ର ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଯାହା ଫଳରେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ମତପ୍ରକାଶ ପାଉଛି।



## ଜାତୀୟ ଭୋଟର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଅନୁଗୋଳ, ୧୧।୧ (ନି.ପ୍ର) : ୧୬ ତମ ଜାତୀୟ ଭୋଟର ଦିବସ-୨୦୨୬ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୫ ଜାନୁୟାରୀ ୨୦୨୬ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ, ଭୋଟର ସଚେତନତା ରାଲି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା, ଶ୍ରେଷ୍ଠ ବ୍ଲକ୍ ସ୍ତରୀୟ ଅଧିକାରୀ ଓ ସଂସ୍ଥାମାନଙ୍କୁ ସମ୍ମାନୀତ ଏବଂ ନୂତନ ଭୋଟରମାନଙ୍କୁ ରଚଓଡ କାର୍ଡ ବିତରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ ଧଳ, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସୁକାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ସ୍ୱହା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବ



କଟକ, ୧୧।୧ (ନି.ପ୍ର): ଅଦ୍ୟ ତା. ୦୯.୦୧.୨୬ରିଖ ଶୁକ୍ରବାର ସ୍ଥାନୀୟ ଦରଘା ବଜାର, ହାତୀପୋଖରୀ ଛକ ସ୍ଥିତ ମା'ସରସ୍ୱତୀ ଶିକ୍ଷା ମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବ କଳାବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବଂଶୀଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଶିକ୍ଷା ବିସ୍ତାର ସମିତି ଓଡ଼ିଶାର ସଭାପତି ରାଜ କିଶୋର ବେହେରା ଉତ୍ସବକୁ ଉଦ୍ ଘାଟନ କରିଥିଲେ। ଘରୋଇ ହୋମିଓପ୍ୟାଥିକ ଚିକିତ୍ସକ ସଂଘ ଓଡ଼ିଶାର ସଭାପତି ଡକ୍ଟର ନେତ୍ରାନନ୍ଦ ଭୋଇ ମୁଖ୍ୟ ଅତିଥି,କଟକ ମାରୱାଡ଼ି ସମାଜର ସଭାପତି କଟକର ସଞ୍ଜୟ ଶର୍ମା, ସହକାରୀ ଆରକ୍ଷୀ ଆୟୁକ୍ତ ( ଏ. ସି. ପି.) ଅମିତାଭ ମହାପାତ୍ର ସମ୍ମାନୀତ ଅତିଥି ଓ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ସମାଜରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ମା' ସରସ୍ୱତୀ ଶିକ୍ଷା ମନ୍ଦିର ଉଦ୍ୟମ ପ୍ରଶଂସନୀୟ ବୋଲି ମଞ୍ଚାସୀନ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କାରିଥିଲେଯ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କାରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ବାର୍ଷିକ ବିବରଣୀ ପାଠ କାରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସୁବାସିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସବୁ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜି. ଗୌତମ ନନ୍ଦ, ପ୍ରୀତିଲଗ୍ନା ସାହୁ, ରିଫ୍ ଆରା,ପ୍ରତିକ୍ଷା ମୁଳିଆ,ଆୟୁଷ କୁମାର ପୃଷ୍ଟି,ଆଦ୍ୟାଶା ବେହେରା, ସାଇ ପ୍ରସାଦ ସିଂ, ସାଇ ଶୁଭମ ଦାସ, ଗୋବିନ୍ଦ ସାହୁ,ସାଇସ୍ମିତା ଦାସଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ ଚମ୍ପିୟାନ ହୋଇଥିବା ୯ ଜଣ ଶିଶୁ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେବା ସହ ଚଳିତ ଶିକ୍ଷା ବର୍ଷର ସର୍ବଗୁଣା ସମ୍ପୂର୍ଣ୍ଣ ପୁରସ୍କାର ପାଇଥିଲେ ଶ୍ରୀମାନ ବିଶ୍ୱଜିତ୍ ହୁଇକା ( ତୃତୀୟ) ଓ କୁମାରୀ ହିରଣମୟୀ ନାଥ( ପଞ୍ଚମ)। ଉକ୍ତ କାର୍ଯ୍ୟକ୍ରମଟିକୁ ସଫଳ କରିବାରେ ବବିତା ରାଣୀ ମହାନ୍ତି,ସୁବାସିନୀ ସାହୁ, ସଂଘମିତ୍ରା ବେହେରା, ରେଶମା ଖାତୁନ୍,ସୁମନ ହାତୀ,ସାହିନ୍ ନିଶା,ସାବେନା ହୋସେନ୍, ଏକତା ବେହେରା, ବବିତା ସେନାପତି, ଶୁଭଶ୍ରୀ ବଶାଖ,ମାହିରା ପରୱିନ୍ ଙ୍କ ସହ ସମସ୍ତ ଗୁରୁଜୀ/ ଗୁରୁମା ଓ ପରିଚାଳନା ସମିତିର ସମସ୍ତ କର୍ମକର୍ତ୍ତା ଓ ଶିକ୍ଷା ବିସ୍ତାର ସମିତି ଓଡିଶା ଦ୍ୱାରା ସହବନ୍ଧିତ ଥିବା କଟକ ସହରର ସବୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ/ ଆଚାର୍ଯ୍ୟାଙ୍କ ସମେତ ଶୁଭେଚ୍ଛୁ ଅଭିଭାବକ ମାନେ ସହଯୋଗ କରିଥିଲେ।

### ଖଲିସାହିରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ କଟକ ନିହାର କ୍ରିକେଟ ଟିମ




ଖଣ୍ଡପଡ଼ା, ୮।୧ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ସେମିଫାଇନାଲରେ ତୃତୀୟ ଦଳ ଭାବେ ପ୍ରବେଶ କରିଛି କଟକ ନିହାର କ୍ରିକେଟ ଟିମ। ଖଲିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ଲିଗରେ ପ୍ରଥମେ କଟକ ନିହାର କ୍ରିକେଟ ଟିମ ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ଖୋର୍ଦ୍ଧା ଏକାଦଶ ୧୧.୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୯ ରନରେ ସୀମିତ ରହିଥିଲା। ବିଜୟୀ ଦଳର ମନୋଜ ସେଠୀ ୧୭ ବଲରୁ ୭୫ ରନର ପାଳି ଖେଳିବା ସହିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ତୃତୀୟ ଦିବସରେ ଅତିଥି ଭାବେ ସମାଜସେବୀ ଚନ୍ଦ୍ର ପୃଷ୍ଟି ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଦୀପକ କୁମାର ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଗତକାଲି ଦ୍ୱିତୀୟ ଲିଗରେ ଖୋର୍ଦ୍ଧା ମେଣ୍ଢାଶାଳ କ୍ରିକେଟ ଟିମ ୭ ୱିକେଟରେ କଟକ ନୂଆପାଟଣା କ୍ରିକେଟ ଟିମକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଆସନ୍ତାକାଲି ବାଙ୍କି ଏକାଦଶ ଏବଂ ନୟାଗଡ ଏକାଦଶ ମଧ୍ୟରେ ଅନ୍ତିମ ଲିଗ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

ନୟାଗଡ, ୧୧।୧ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ ପଡିଆ। ଠାରେ ଅନୁଷ୍ଠିତ ହୋଇଯାଇଅଛି।

ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କୁ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ ଯ ଏହି ମେଳା ରେ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟ ର ଅଧକ୍ଷ ଶ୍ରୀ ଭାବେଶ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ର ଅଧକ୍ଷ ଶ୍ରୀ କାନ୍ତି ରଞ୍ଜନ ସାହୁ ଉପସ୍ଥିତ ରହି ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା କୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ମନସ୍ୱୀ ସେଠୀ ପରିଚାଳନା କରିଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୨୩ ଗୋଟି ନିଯୁକ୍ତି ଦାତା କମ୍ପାନୀ ଏବଂ ୭ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଏହି ମେଳାରେ ବିଭିନ୍ନ ବ୍ଲକ ରୁ ସର୍ବମୋଟ ୧୦୬୫ ଜଣ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ମାନେ ଯୋଗ ଦେଇ ନିଜର ପସନ୍ଦର ନିଯୁକ୍ତି ଦାତା ଙ୍କ ପାଖରେ ପଞ୍ଜିକରଣ କରିଥିଲେ।

## ଦକ୍ଷ ପୋଲିସ ଉପ ଅଧିକାରୀଙ୍କ କଲମ ମୁନ ଜଟଣୀ ବାସୀଙ୍କୁ ଦେଲା ଦିଗଦର୍ଶନ

ଜଟଣୀ, ୧୧।୧ (ନି.ପ୍ର): ଜଟଣୀ, ଦର୍ଶକ ବନ୍ଧୁ ଆପଣ ମାନେ ଭୁଲିନଥିବେ। ଘଟଣାଟି ୦୪/୦୨/ ୨୦୨୩, ବିଗତ ତିନିବର୍ଷ ତଳର ଘଟଣା। ଦିନ ୭ରୁ ୭ଟା ୩୦ ସମୟରେ ହାଣି ପକେଇଲେ ନିରୀହ ପିଲାଟାକୁ। ସେ ବୁଝିନଥିଲା ଜାଗାବାଡ଼ିର ସମସ୍ୟାୟ ପରିବାରର ସଦସ୍ୟ ହୋଇଥିଲେ ମଧ୍ୟ ଦେଖଣାହାରୀଙ୍କ ଭଳି ଛିଡା ହୋଇ ଦେଖୁଥିଲା। ନିରିହ ଉପରେ ଅତ୍ୟାଚାର କଲେ ମା ର କଥାରେ। ପିଲାଟି ସବୁଦିନ ପାଇଁ ଚାଲିଗଲା ସତ, ରହିଗଲା ତାର ଅନ୍ତରର ଅଭିଶାପ। ଜାଳିଦେଲା ସାରା ପରିବାରକୁୟ ପହଞ୍ଚିଥିଲେ, ଜଟଣୀ ଥାନାର ଦକ୍ଷ ପୋଲିସ ଉପ ଅଧିକାରୀ ଶ୍ରୀ ସୁଧୀର କୁମାର ଦାସ, ଭଗବାନଙ୍କ ରୂପ ନେଇ ଆସିଥିଲେ ମାମଲାର ତର୍ଜମା କରିବାପାଇଁ। କଲମ ମୁନରେ ଦେଖାଇ ଦେଲେ ଦକ୍ଷତାର ପରିଚୟ। ବାଳୁତ ପିଲାଟି ସବୁଦିନ ପାଇଁ ଚାଲିଗଲ ସତ, ହେଲେ ପରିବାର ସଦସ୍ୟଙ୍କୁ ମିଳିଲା ନ୍ୟାୟ। ଜଟଣୀ ଥାନା କେସ ନମ୍ବର ୪୫/ ୨୦୨୩ ର ମାମଲା ୦୯/ ୦୧/ ୨୦୨୬ ରେ ତୃତୀୟ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ ଭୁବନେଶ୍ୱର, ହିମାଂଶୁ ଶେଖର ମଲ୍ଲିକଙ୍କ ଅଦାଲତରେ, ୪ ଜଣଙ୍କ ଉପରେ ଥିବା ମାମଲା, ଅଭିଯୁକ୍ତଙ୍କ ବିରୁଦ୍ଧରେ ମାନ୍ୟବର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଯଥା - ୧-ନାଲୁ ଓରଫ ଶ୍ରୀନିବାସ ପାଟସାହାନି, ୨-ଟୁଲୁ ଓରଫ ରମେଶ ପଟସାହାନି, ୩-କୁନା ଓରଫ ଫଗୁଆ। ପାଟସାହାନି, ୪-(ମାତା) ଦୋସା ଓରଫ ଜାସୋଦା ପାଟସାହାନି। ଆଇପିସିର ଧାରା ୩୦୭/୩୪ ଅନୁଯାୟୀ - ୧୦ ବର୍ଷ ପାଇଁ କାରା ଦଣ୍ଡରେ ଦଣ୍ଡିତ କରାଯାଇଛି ତାହା ସହିତ ଜୋରିମାନା ୨୦,୦୦୦/ ଏବଂ ୩୨୬ ଆଇପିସିର ଧାରା ୧୦ ବର୍ଷ ପାଇଁ କାରାଦଣ୍ଡ ଏବଂ ଜରିମାନା ୨୦,୦୦୦/ ଏବଂ ଆଇପିସିର ଧାରା ୫୦୬ ଅନୁଯାୟୀ - ୨ ବର୍ଷ ପାଇଁ ଜେଲଦଣ୍ଡ ଏବଂ ଜୋରିମାନା ୫୦୦୦/ ଏବଂ ୨୯୪ ଆଇପିସିର ଧାରା ୩ ମାସ ଜେଲ୍ ଏବଂ ଜୋରିମାନା ୧୦୦୦ ଏବଂ ୯-ବି ବିସ୍ଫୋରକ ଆଇନ ଅନୁଯାୟୀ ୧ ବର୍ଷ ପାଇଁ ଜେଲଦଣ୍ଡ ଏବଂ ୧୦୦୦ ଜୋରିମାନା ସମସ୍ତ ଦଣ୍ଡ କ୍ରମାଗତ ଭାବରେ ଚାଲିବ। ମାମଲାଟି ଅତିରିକ୍ତ ପବ୍ଲିକ ପ୍ରସ୍ୟୁକୁଟର ସୁଭାଶ୍ରୀ ଜେନାଙ୍କ ଦ୍ୱାରା ପରିଚାଳିତ ଏବଂ ହେମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା କଡ଼ା ତଦାରଖ କରାଯାଇଛି। ଦକ୍ଷ ଉପନିର୍ଦ୍ଦେଶକ, ସୁଧୀର କୁମାର ଦାସ, ତଦନ୍ତ ଅଧିକାରୀଙ୍କ ଦ୍ୱାରା ମାମଲା ପରିଚାଳିତ ହୋଇଥିବା ବେଳେ, ୦୯ ଜାନୁଆରୀ ୨୦୨୬ରେ ମାନ୍ୟବର ଅତିରିକ୍ତ ଉପ ଜିଲ୍ଲା ଏବଂ ସେସନ୍ସ ଜଜ୍ କଲେ ସୁଣାଣି।



